Bhubaneswar- 29 may 2026
ଭୁବନେଶ୍ୱର- ୨୯ ମେ' ୨୦୨୬
Vol- 1 Issue - 33
ଭାଗ- ୧ ସଂଖ୍ୟା- ୩୩
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ୍ ନ୍ୟୁଜ୍ ଚ୍ୟାନେଲ୍
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

### ଏଲ୍‌ଏସି ଉପରେ ଭାରତ-ଚୀନ୍ 'ଗଠନମୂଳକ' ଆଲୋଚନା
## ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ପ୍ରାଥମିକତା



**ନୂଆଦିଲ୍ଲୀ:** ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ପରିସ୍ଥିତି ଉପରେ ଭାରତ ଓ ଚୀନ୍ 'ଗଠନମୂଳକ' ଆଲୋଚନା କରିଛନ୍ତି। ଉଭୟ ପକ୍ଷ ଉଲ୍ଲେଖ କରିଛନ୍ତି ଯେ, ସୀମା ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦ୍ୱାରା ସାମଗ୍ରିକ ସମ୍ପର୍କକୁ ସ୍ୱାଭାବିକ କରିବାରେ ଅଗ୍ରଗତି ହୋଇଛି। ବୁଧବାର ବେଜିଂରେ ପରାମର୍ଶ ଓ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀ (ଡବ୍ଲ୍ୟୁଏମ୍‌ସିସି)ର ଏକ ବୈଠକରେ ଏହି ଆଲୋଚନା ହୋଇଥିଲା। ଆଲୋଚନାର ଗୋଟିଏ ଦିନ ପରେ ଗୁରୁବାର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ ଏହି ଆଲୋଚନା ଗଠନମୂଳକ ଓ ଦୂରଦୃଷ୍ଟିସମ୍ପନ୍ନ ଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିବା ଅନୁସାରେ, ଉଭୟ ପକ୍ଷ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ପରିସ୍ଥିତିର ସମୀକ୍ଷା କରିବା ସହ ସାମ୍ପ୍ରତିକ ଘଟଣାକ୍ରମରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ପକ୍ଷ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ହୋଇଥିବା ଅଗ୍ରଗତିରେ ସେମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ଧୀରେ ଧୀରେ ସ୍ୱାଭାବିକ କରିବା ଦିଗରେ ସକ୍ଷମ କରିଛି। ଡବ୍ଲ୍ୟୁଏମ୍‌ସିସି ବୈଠକରେ ଉଭୟ ପକ୍ଷ ସୀମା ନିର୍ଦ୍ଧାରଣ, ସୀମା ପରିଚାଳନା ଓ ସୀମାପାର ସହଯୋଗ ସହ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସୀମାପାର ନଦୀଗୁଡ଼ିକ ଉପରେ ବିଶେଷଜ୍ଞସ୍ତରୀୟ ବୈଠକର ଆବଶ୍ୟକତା ଉପରେ ଭାରତ ପକ୍ଷରୁ ଜୋର ଦିଆଯାଇଥିଲା। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ପୂର୍ବ ଏସିଆ) ସୁଜିତ ଘୋଷ ନେଇଥିବାବେଳେ ଚୀନ୍ ପ୍ରତିନିଧିଙ୍କ ନେତୃତ୍ୱ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗର ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହୋ ୟାଙ୍କି ନେଇଥିଲେ। ୨୦୨୦ ମସିହାରେ ଗଲୱାନ ଉପତ୍ୟକା ସଂଘର୍ଷ ଏବଂ ପୂର୍ବ ଲଦାଖରେ ଦୀର୍ଘ ଦିନ ଧରି ଚାଲିଥିବା ସାମରିକ ବିବାଦ ପରେ ସମ୍ପର୍କ ଖରାପ ହୋଇଥିଲା। ଉଭୟ ଦେଶ ସମ୍ପର୍କକୁ ସ୍ଥିର କରିବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଏହି ବୈଠକ ଅନୁଷ୍ଠିତ ହୋଇଛି।

# ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

- ବିଜେପି ସରକାରଙ୍କ ଦ୍ୱିତୀୟ ବାର୍ଷିକୀ ସମାରୋହରେ ଯୋଗଦେବେ
- ମୁଖ୍ୟମନ୍ତ୍ରୀଙ୍କ ୨ ବର୍ଷର ସଫଳତା ସମୀକ୍ଷା
- ଆଗାମୀ ରୋଡ଼ମ୍ୟାପ୍ ପ୍ରସ୍ତୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



**ଭୁବନେଶ୍ୱର:** ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟରେ ବିଜେପି ସରକାର ୨ ବର୍ଷ ପୂର୍ତ୍ତି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ ନେଇ ଗ୍ରୀନ ସିଗନାଲ ମିଳିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୪ ଦିନ ତଳେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ ଦେଇଥିଲୁ। ଜୁନ୍ ୧୨, ଜୁନ୍ ୨୦ କିମ୍ବା ସେପ୍ଟେମ୍ବର ୧୭ରେ ନିଜର ସମୟ ଦିଅନ୍ତୁ ବୋଲି ଅନୁରୋଧ କରାଯାଇଛି । ଆଜି ଏନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଚାରି ଦିନ ପୂର୍ବେ ନୂଆଦିଲ୍ଲୀରେ ମୋଦିଙ୍କ ସହ ସାକ୍ଷାତ ସମୟରେ ମାଝୀ ତାଙ୍କୁ ତାଙ୍କ ସରକାରଙ୍କ ଦ୍ୱିତୀୟ ବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ।ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ସେ ପ୍ରଧାନମନ୍ତ୍ରୀଙ୍କୁ ଜୁନ୍ ୧୨ କିମ୍ବା ଜୁନ୍ ୨୦ କିମ୍ବା ସେପ୍ଟେମ୍ବର ୧୭ ତାରିଖରେ ଏହି ଉତ୍ସବ ପାଇଁ ଓଡ଼ିଶା ଗସ୍ତ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପଟରେ ମୁଖ୍ୟମନ୍ତ୍ରୀଙ୍କ ୨ ବର୍ଷର ସଫଳତା ସମୀକ୍ଷା । ବିଭାଗୀୟ ସଚିବମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ପ୍ରାକ-ପ୍ରସ୍ତୁତି ବୈଠକ ସରକାରଙ୍କ ଦୁଇ ବର୍ଷର ଶାସନ କାଳର ସମୀକ୍ଷା ଏବଂ ଆଗାମୀ ରୋଡ଼ମ୍ୟାପ୍ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଆରମ୍ଭ ହୋଇଥିବା ଏହି ପ୍ରମୁଖ ଯୋଜନାର ସଫଳତା, ହିତାଧିକାରୀଙ୍କ ସଂଖ୍ୟା ଏବଂ ସହାୟତା ରାଶି ବଣ୍ଟନର ସ୍ୱଚ୍ଛତା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ ଏବଂ ମଣ୍ଡି ପରିଚାଳନାରେ ହୋଇଥିବା ସଂସ୍କାରର ତଥ୍ୟ ଆଦାନ ପ୍ରଦାନ । ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସମ୍ପ୍ରସାରଣ ଏବଂ ସମସ୍ତ ବର୍ଗର ଲୋକଙ୍କ ପାଖରେ ମାଗଣା ଚିକିତ୍ସା ସୁବିଧା ପହଞ୍ଚାଇବା ଦିଗରେ ହୋଇଥିବା ପ୍ରଗତି । ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଥିବା ନୂତନ ପୁଞ୍ଜିନିବେଶ ପ୍ରସ୍ତାବ, ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଏବଂ ଏହା ଦ୍ୱାରା ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗର ଆକଳନ । ଏବଂ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ କରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ ସମାପ୍ତି। ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି ଏବଂ ବିଭିନ୍ନ ବିଭାଗ ଦ୍ୱାରା ସେଗୁଡ଼ିକର ତ୍ୱରିତ ସମାଧାନର ସଫଳତା ହାର । ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ଜାତୀୟ ଶିକ୍ଷା ନୀତିର ରୂପାୟନ ସମ୍ପର୍କିତ ଆଲୋଚନା ହୋଇଥିଲା। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ଓ ସାଂସ୍କୃତିକ ସ୍ଥଳୀଗୁଡ଼ିକର ବିକାଶ ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ଉପରେ ଆଲୋଚନା ହୋଇଛି । ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏକ ସାମଗ୍ରିକ 'ସଫଳତା ପୁସ୍ତିକା' ପ୍ରସ୍ତୁତ କରିବା ଏବଂ ଯାହାକୁ ଆଗାମୀ ଦିନରେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ବୈଠକର ମୂଳ ଉଦ୍ଦେଶ୍ୟ । ସମସ୍ତ ବିଭାଗର ସଚିବମାନଙ୍କୁ ସେମାନଙ୍କ ବିଭାଗର ସଫଳତାର ସଠିକ ତଥ୍ୟ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ମୌସୁମୀ ଆଗମନକୁ ନେଇ ବଢ଼ିଲା ଅନିଶ୍ଚିତତା
## ଜୁନ୍ ୧ ସୁଦ୍ଧା କେରଳ ଛୁଇଁବା ନେଇ ସଂଶୟ



**ଭୁବନେଶ୍ୱର:** ମୌସୁମୀ ଆଗମନକୁ ନେଇ ବଢ଼ିଲା ଅନିଶ୍ଚିତତା । ଜୁନ୍ ୧ ସୁଦ୍ଧା କେରଳ ଛୁଇଁବା ନେଇ ସଂଶୟ । ଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ଆଶଙ୍କା । ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନକୁ ନେଇ ବଡ଼ ଅନିଶ୍ଚିତତା ଦେଖାଦେଇଛି । ପୂର୍ବରୁ ମୌସୁମୀ ଶୀଘ୍ର ଆସିବ ବୋଲି ଆକଳନ କରାଯାଉଥିଲେ ମଧ୍ୟ ସାମୁଦ୍ରିକ ପବନ ଦୁର୍ବଳ କାରଣରୁ ଏହା ଏବେ ସ୍ୱାଭାବିକ ସମୟ ଜୁନ୍ ୧ ସୁଦ୍ଧା କେରଳ ଛୁଇଁବା ନେଇ ସଂଶୟ ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପାଣିପାଗ ସ୍ଥିତିରେ ଆଶାଜନକ ସୁଧାର ହୋଇନାହିଁ । ପାଣିପାଗ ବିଶେଷଜ୍ଞ ଏବଂ ଘରୋଇ ସଂସ୍ଥା 'ସ୍କାଏମେଟ୍'ର ରିପୋର୍ଟ ଅନୁଯାୟୀ, ମୌସୁମୀ ବିଳମ୍ବ ହେବା ପଛରେ କିଛି ମୁଖ୍ୟ କାରଣ ରହିଛି । ଆରବ ସାଗରରେ ବିଷୁବରେଖା ଅତିକ୍ରମ କରୁଥିବା ମୌସୁମୀ ପବନ ଯେତିକି ଶକ୍ତିଶାଳୀ ହେବା କଥା, ତାହା ହୋଇପାରି ନାହିଁ । ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା 'ଏଲ୍ ନିନୋ'ର ପ୍ରତିକୂଳ ପ୍ରଭାବ ଭାରତୀୟ ମୌସୁମୀ ଚକ୍ରକୁ ଦୁର୍ବଳ କରୁଛି । ସେହିପରି ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା କିଛି ପାଣିପାଗ ନିୟାମକ ଯୋଗୁଁ ପବନର ଗତିପଥ ପ୍ରଭାବିତ ହେଉଛି। ଚଳିତ ୨୦୨୬ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ କମ୍ ଅର୍ଥାତ ପ୍ରାୟ ୯୨ ପ୍ରତିଶତ ବର୍ଷା ହେବ ବୋଲି ଆଇଏମଡ଼ି ଆକଳନ କରିଛି, ଯାହା କୃଷି କ୍ଷେତ୍ର ପାଇଁ ଚିନ୍ତା ବଢ଼ାଇ ଦେଇଛି।

## ଓଡ଼ିଶା ସମେତ ୪ ରାଜ୍ୟରେ ହେବ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ



**ନୂଆଦିଲ୍ଲୀ:** ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଲାଗି ଭାରତ ପ୍ରୟାସ ଚଳାଇଛି। ଏଥିପାଇଁ ଓଡ଼ିଶା ସମେତ ଦେଶର ୪ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ହେବ। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷାନ ରେଡ୍ଡୀ ଆଜି ଏହି ସୂଚନା ଦେଇଛନ୍ତି। ନ୍ୟାସନାଲ କ୍ରିଟିକାଲ ମିନେରାଲ ମିସନ (ଏନ୍‌ସିଏମ୍‌ଏମ୍) କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ପୃଥକ୍ ଖଣି ବ୍ଲକ ପ୍ରସ୍ତୁତ ହୋଇଛି। ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏଥିଲାଗି ବଡ଼ ନିଲାମ ହାତକୁ ନିଆଯାଇଛି। ବହୁସଂଖ୍ୟକ ଖଣିଜ ବ୍ଲକ୍ ସଫଳତାର ସହ ନିଲାମ ହୋଇସାରିଛି। ବିଦ୍ୟୁତ ଯାନ, ସବୁଜ ଶକ୍ତି, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଅନ୍ୟାଧୁନିକ ଉତ୍ପାଦନ କ୍ଷେତ୍ରରେ ଏସବୁ ସାମଗ୍ରୀର ଆବଶ୍ୟକତା ଯଥେଷ୍ଟ ରହିଛି। ଏସବୁ ସାମଗ୍ରୀର ଯୋଗାଣକୁ ମଜଭୁତ କରିବା ଲାଗି କେନ୍ଦ୍ର ସରକାର ଅନେକ ଦେଶ ସହିତ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ମିସନର ପରବର୍ତ୍ତୀ ପର୍ଯ୍ୟାୟର ଅଂଶଭାବେ କେନ୍ଦ୍ର ସରକାର ଓଡ଼ିଶା, ଗୁଜରାଟ, ତେଲେଙ୍ଗାନା ଓ ମହାରାଷ୍ଟ୍ରରେ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ଯୋଜନା ଦିଗରେ ଆଗକୁ ବଢୁଛନ୍ତି। ସଂପୃକ୍ତ ରାଜ୍ୟ ସରକାରମାନେ ମଧ୍ୟ ଏଥିପାଇଁ ଜମି ଆବଣ୍ଟନ କରିଛନ୍ତି। ଏହାକୁ ଆଗକୁ ନେବା ପାଇଁ ରାଜ୍ୟ ପ୍ରଶାସନ କାର୍ଯ୍ୟ କରୁଛି। ଏସବୁ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ କ୍ଷେତ୍ରରେ ଦେଶର ପ୍ରକ୍ରିୟାକରଣ ଓ ବିଶୋଧନ କ୍ଷମତା ବଢ଼ାଇବ। ଏସବୁ ସାମଗ୍ରୀ ପାଇଁ ଭାରତ ଅନ୍ୟ ଦେଶଉପରେ ବହୁମାତ୍ରାରେ ନିର୍ଭରଶୀଳ ରହିଛି। ଆସନ୍ତାବର୍ଷ ସୁଦ୍ଧା ଏ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

### ଓ୍ୱାଣ୍ଡରଲା ପାର୍କକୁ ଏନଜିଟି ଛାଟ
## ଜଙ୍ଗଲ ଜମିରେ ବେଆଇନ ନିର୍ମାଣର ତଦନ୍ତ କରିବ ଯୁଗ୍ମ କମିଟି

**ଭୁବନେଶ୍ୱର :** ଓ୍ୱାଣ୍ଡରଲା ହଲିଡେଜ୍ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧାରେ ପରିଚାଳିତ ଓ୍ୱାଣ୍ଡରଲା ପାର୍କକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ଙ୍କ ନୋଟିସ୍। ଜଙ୍ଗଲ ଜମି ଜବରଦଖଲ ଓ ବେଆଇନ ନିର୍ମାଣ ଅଭିଯୋଗରେ ଏନଜିଟି ନୋଟିସ୍ ଜାରି କରିବା ସହ ଏହାର ତଦନ୍ତ ପାଇଁ ଏକ ଯୁଗ୍ମ କମିଟି ଗଠନ କରିଛନ୍ତି। ୪ସପ୍ତାହ ସୁଦ୍ଧା ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଖୋର୍ଦ୍ଧାଠାରେ ପରିଚାଳିତ ଓ୍ୱଣ୍ଡରଲା ପାର୍କ ତାକୁ ଆବଂଟିତ ସରକାରୀ ଜମି ପାଖରେ ଥିବା ପ୍ରାୟ ୧.୮୬୦ଏକର ପରିମିତ ଜଙ୍ଗଲ ଜମିକୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ବେଆଇନ ଭାବେ ଦଖଲ କରି ରହିଥିବା ନେଇ ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ କର୍ତ୍ତୃପକ୍ଷ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ରିପୋର୍ଟ ଆଧାରରେ ଆବେଦନକାରୀଙ୍କ ଓକିଲ ଅଖଣ୍ଡ ଯୁକ୍ତି ଦର୍ଶାଇଥିଲେ ଯେ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ। ୨୦୨୬ ମଇ ୨୧ତାରିଖରେ ଏନଜିଟିଙ୍କ କୋଲକାତାସ୍ଥିତ ପୂର୍ବ ଜୋନ୍ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ ଶିବକୁମାର ସିଂ ଓ ବିଶେଷଜ୍ଞ ସଦସ୍ୟ ଈଶ୍ୱର ସିଂ ଏହି ଅଭିଯୋଗର ସତ୍ୟାସତ୍ୟ ପରଖିବା ପାଇଁ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ), ଖୋର୍ଦ୍ଧା ଜିଲ୍ଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଜଣେ ପ୍ରତିନିଧିଙ୍କୁ ନେଇ ଏକ ସ୍ୱତନ୍ତ୍ର ଯୁଗ୍ମ କମିଟି ଗଠନ କରିଛନ୍ତି ।

### ଢେଙ୍କାନାଳ ଜିଲ୍ଲାରେ ଚାଞ୍ଚଲ୍ୟକର ଘଟଣା
## ଚାକିରି ନାଁରେ ଓଡ଼ିଆ ନାବାଳିକାଙ୍କୁ ୟୁପିରେ ବିକ୍ରି
### ଦୁଇବର୍ଷ ଧରି ଯୌନ ନିର୍ଯାତନାର ଶିକାର

**କାମାକ୍ଷାନଗର :** ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମା'ଙ୍କ ଚିକିତ୍ସା ପାଇଁ ଟଙ୍କା ରୋଜଗାର କରିବାକୁ ଆସି ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ଜଣେ ନାବାଳିକା। ନାବାଳିକା ଜଣକ ଅଞ୍ଚଳର ପରିଚିତ ବ୍ୟକ୍ତିଙ୍କ ପରାମର୍ଶରେ ଭୁବନେଶ୍ୱର ଆସିଥିଲେ। ଟଙ୍କା ରୋଜଗାର କରି ମା'ଙ୍କୁ ଭଲ କରିବା ନେଇ ମନରେ ଥିଲା ଗଭୀର ଆତ୍ମବିଶ୍ୱାସ। ହେଲେ ନାବାଳିକା ଜଣକ ଭୁବନେଶ୍ୱରରେ ପହଞ୍ଚିବା ପରେ ପରିଚିତ ବ୍ୟକ୍ତି ଜଣକ ତାଙ୍କୁ ୧ ଲକ୍ଷ ଟଙ୍କାରେ ଅନ୍ୟଜଣଙ୍କୁ ବିକ୍ରି କରି ଦେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନାବାଳିକାଙ୍କୁ ଧରି ଉତ୍ତରପ୍ରଦେଶର ଝାନ୍ସି ନେଇଯାଇଥିଲେ। ସେଠାରେ କିଣିଥିବା ବ୍ୟକ୍ତି ଜଣକ ତିନିମାସ ଧରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଗର୍ଭନଷ୍ଟ କରାଇ ଆଉ ଜଣକୁ ୫୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ସେଠାରେ ମଧ୍ୟ ନାବାଳିକା ଜଣକ ବର୍ଷେ ଯୌନ ନିର୍ଯାତନା ଭୋଗିବା ପରେ ବହୁକଷ୍ଟରେ ଖସି ଆସି କାମାକ୍ଷାନଗର ଥାନା ପହଞ୍ଚି ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଏପରିକି କଙ୍କଡାହାଡ଼ ଥାନା ଅଞ୍ଚଳର ଜଣେ ଦଲାଲ ତାଙ୍କୁ ଚାକିରୀରେ ରଖାଇଦେବାକୁ କହି ବିକ୍ରି କରି ଦେଇଥିବା ନାବାଳିକା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି କାମାକ୍ଷାନଗର ପୋଲିସ କଙ୍କଡାହାଡ଼ ଥାନା ଅଞ୍ଚଳର ଦଲାଲଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଏହିପରି ଅନେକ ଝିଅଙ୍କୁ ଦଲାଲ ଜଣକ ବିକ୍ରି କରୁଥିବା ଜଣାପଡିଛି। ଏନେଇ କାମାକ୍ଷାନଗର ଥାନାରେ ଏକ ମାମଲା(ନଂ.୩୫୪/୨୬) ରୁଜୁ ହୋଇଥିବା ବେଳେ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ତୁରନ୍ତ ଆସାମୀଙ୍କୁ ଧରିବା ପାଇଁ ପୋଲିସ ପଦକ୍ଷେପ ନେଉଥିବା କହିଛନ୍ତି।

### ପୋଲ ତଳକୁ ଖସି ପଡ଼ିଲା କାର
## ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

**କେନ୍ଦୁଝର :** ଦୈତାରୀ ଥାନା ଅନ୍ତର୍ଗତ ରାସୋଳ ଗ୍ରାମ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି । ଢେଙ୍କାନାଳରୁ ଘଟଗାଁ ଯାଉଥିବା ବେଳେ ରାସୋଳ ଗ୍ରାମ ନିକଟରେ କାରଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଭାଗମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତର ଖାନାକୁ ରେଫର୍ କରାଯାଇଥିବା ସୂଚନା ମିଳିଛି । ଆଜି ଚାରି ଜଣ ବ୍ୟକ୍ତି ଢେଙ୍କାନାଳରୁ ଘଟଗାଁ କାର୍ ଯୋଗେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ପାଣିରୁ ବାହାର କରି ତଦନ୍ତ କରୁଛି ।

### ୩୮ ଦିନରେ ରଥଖଳା ହାଲ୍‌ଚାଲ୍
# ଦଣ୍ଡାଫ୍ରେମ ପ୍ରସ୍ତୁତି ଓ ମୁହାଁଟ ସଂଯୋଗ

- ତିନିରଥ ପାଞ୍ଚଦଣ୍ଡା ର ନିର୍ମାଣ କାର୍ଯ୍ୟ ସହ ମୁଖ ସାଲ ଶେଷ
- ତିନିରଥର ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ ଶେଷ ପର୍ଯ୍ୟାୟରେ
- ୨୦୫ ଜଣ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ



**ପୁରୀ :** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଲକ୍ଷାଧିକ ଭକ୍ତଙ୍କ ହେବ ସମାଗମ । ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଗୁରୁବାର ରଥ ନିର୍ମାଣର ୩୮ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ତିନିରଥର ପାଞ୍ଚ ଦଣ୍ଡା ସହ ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରୀ ରହିଛି । ତିନିରଥ ପାଞ୍ଚଦଣ୍ଡା ର ନିର୍ମାଣ କାର୍ଯ୍ୟ ସହ ମୁଖ ସାଲ ଶେଷ ହୋଇଛି । ଆଜି ମୁଖ୍ୟ ମହାରଣାଙ୍କ ତଦାରଖରେ ଶେଷ ହୋଇଛି ତିନିରଥର ପାଞ୍ଚଦଣ୍ଡା ର ଚଉପଟ କାର୍ଯ୍ୟ । ଏଥିସହ ଦଣ୍ଡା ଗୁଡ଼ିକର ଉଭୟ ପାର୍ଶ୍ୱ ର ସାଲ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଦଣ୍ଡା ଫ୍ରେମ୍ ପ୍ରସ୍ତୁତି ପାଇଁ ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ ସଂଯୋଗ ହେବ ମୁହାଁଟ । ତିନିରଥର ଏହି ୨୦ ଫୁଟିଆ ମୁହାଁଟ ର ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥ ଖଳାରେ ସାଇତା ଯାଇଛି ।ଏଥିସହ ତିନିରଥର ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚ ଦଣ୍ଡାର ଉଭୟ ପାର୍ଶ୍ୱରେ କୁଡୁକା ଦ୍ୱାରା ସଂଯୋଗ ହେବ ପାର୍ଶ୍ୱ ଦଣ୍ଡା। ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ୭ ଗୋଟି ଦଣ୍ଡା ଲାଗୁଥିବା ବେଳେ ତଳଧ୍ୱଜା ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡା ସହ ଉଭୟ ପଟରେ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡାକୁ ମିଶାଇ ମୋଟ ୯ ଗୋଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ ହେବ। ରୂପକାର ସେବକ ମାନେ ତିନିରଥର ୩୩ ଗୋଟି ସାଲ ଗୁଜର ରୂପ ଖୋଦେଇ ସହ ରୂପ ଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଶେଷ କରି ତିନିରଥର ୮ ଟି ଲେଖାଏଁ ତୀଖ ଗୁଜ ରେ ସିଂହ ବିରଳ ରୂପ ଖୋଦେଇ ଶେଷ କରି ରୂପ ଗୁଡିକରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର କରତି ସେବକ ମାନେ ତାଳଧ୍ୱଜ ରଥର ପୋଲ ଗୟଳ ର ଚିରଟ କାର୍ଯ୍ୟ ଶେଷ କରି ନନ୍ଦିଘୋଷ ରଥ ୪୦ ଫୁଟିଆ ପୋଲ ଗୟଳ ର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଶେଷ କରି ଆଜି ଦର୍ପଦଳନ ରଥ ୪୦ ଫୁଟିଆ ପୋଲ ଗୟଳ ର ଚିରଟ କାର୍ଯ୍ୟ ପୂର୍ବରୁ ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ ବା ଚିତା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା ସହ ଗରଗରା କଣ୍ଟା ନିର୍ମାଣ ଶେଷ କରି ୧୬ ଏମ୍ ଏମ୍ ସାଇଜ ର ଚାନ୍ଦା ଗୟଳ କଣ୍ଟା ଏବଂ ବଡ଼ ଥଳ ଗୟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କୂରୁମ ପିଢ଼ା, ସୁଦ୍ଧା ସୁଆର ପିଢ଼ା, ବନକ ପିଢ଼ା, ରୁଖା, ଭେଟ ବାକ୍ସ ପାଇଁ ଟେବୁଲ୍ ଷ୍ଟାଣ୍ଡ କାଠ ନିର୍ମିତ ସରଞ୍ଜାମ ମାନ ପ୍ରସ୍ତୁତ ଜାରୀ ରଖିଛନ୍ତି। ତିନିରଥର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୭ ଜଣ, କରତି ସେବକ ୪ଜଣ, ରୂପକାର ସେବକ ୨୧ ଜଣ, ଓଝା କମାର ସେବକ ୨୦ଜଣ,ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ ଜଣ ,ରଥଖଳା ସହାୟକ ୧ ଜଣ ମୋଟ ୨୦୫ ଜଣ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

### ମରିଗଲା ମାନବିକତା
## ବିଦ୍ୟୁତ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ

**ଦେବଗଡ :** ଗତ ସୋମବାର ଦିନ ତିଲେଇବଣୀ ବ୍ଲକର ଢୋଲପଡ଼ା, ଦୁଧିଆନାଳି, ତାଳକୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାସହିତ ବିଦ୍ୟୁତ୍ ସରାବରାହ ବ୍ୟାହାତ ହୋଇଥିଲା।ତେବେ ସଜାଡିବାକୁ ଆସିଥିବା କର୍ମଚାରୀଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ପକାଇଥିଲେ ଗ୍ରାମବାସୀ। ଦେବଗଡ ଜିଲ୍ଲା ତିଲେଇବଣୀ ବ୍ଲକର ଦୁଧିଆନାଳୀ ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। କାଳବୈଶାଖୀ ଯୋଗୁଁ ଚାରିଦିନ ହେଲା ସଂପୃକ୍ତ ଅଞ୍ଚଳରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ଥିଲା। ଗୁରୁବାର ବିଦ୍ୟୁତ ବିଭାଗ ପକ୍ଷରୁ ଏହାକୁ ସଜାଡିବାକୁ ଆସିଥିବାବେଳେ ତିନି କର୍ମଚାରୀଙ୍କୁ ଉତ୍ୟକ୍ତ ଗ୍ରାମବାସୀ ଖୁଣ୍ଟରେ ବାନ୍ଧି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଆସିବାକୁ ଦାବି କରିଛନ୍ତି। ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେବା ଯୋଗୁଁ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି । ଖବର ପାଇ କଂସର ଫାଣ୍ଡି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ପହଞ୍ଚିବା ପୂର୍ବରୁ ସଜାଡିବାକୁ ଆସିଥିବା କର୍ମଚାରୀଙ୍କୁ ଗ୍ରାମବାସୀମାନେ ଛାଡି ଦେଇଥିଲେ।

### ସମ୍ପାଦକୀୟ

## ମହାଯୁଦ୍ଧ ଭିତରେ ମଧ୍ୟପ୍ରାଚ୍ୟ

ଇରାନ ଏବେ ରକ୍ତମୁଖା। ଏଭଳି ବାରମ୍ବାର ଆମେ ଶୁଣିବାକୁ ପାଉଛୁ। ଇରାନ୍ ଏବେ ରକ୍ତମୁଖା, ପୁନର୍ବାର ଆମେ ସେହିକଥା ଶୁଣିବାକୁ ପାଉଛୁ। ବାରମ୍ବାର ଆମେ ସେହିକଥା ଶୁଣିବାକୁ ପାଉଛୁ ଯେ ଇରାନ ରକ୍ତମୁଖା। କେହି ବି ରକ୍ତମୁଖା ଏତେ ସହଜରେ ହୋଇପାରିବେ କି? ଜଣେ ରକ୍ତମୁଖା ହେବା ପଛରେ ସେମିତି କିଛି ସଶକ୍ତ କାରଣ ରହିଛି ନିଶ୍ଚୟ। ଏମିତି ସେମିତି କାରଣ ନୁହେଁ। ଏବେ ଇରାନ୍ ବି ସେହିଭଳି ସ୍ଥିତିରେ ରହିଛି ଯାହାକୁ ଆୟତ୍ତ କରିବା ଆଉ ସେତେ ସହଜ ନୁହେଁ। କାରଣରେ ସେହି ସମାନ କଥାକୁ ଆମେ ଦୋହରାଇବା କି ଇରାନ୍ ଏବେ ରକ୍ତମୁଖା। ଜଣେ ରକ୍ତମୁଖାକୁ ଆୟତ୍ତ କରିବା କି ଏତେ ସହଜ ହୋଇପାରେ କି? ଏବେ ରକ୍ତମୁଖା ଇରାନ୍ ତା'ର ପ୍ରତିଶୋଧ ନେବ ଇସ୍ରାଏଲ୍ ଉପରେ। କାରଣ ଇରାନ୍ ହେଉଛି ତା'ର ସବୁଠାରୁ ବଡ଼ ଶତ୍ରୁ। ଇରାନ୍‌ର ଇସ୍ରାଏଲ୍ ସହିତ ଶତ୍ରୁତା କେବେଠାରୁ ଆରମ୍ଭ ହେଲା, ତାହା ପଛରେ ଯଦିଓ ସେମିତି କିଛି ନିର୍ଦ୍ଦିଷ୍ଟ ଇତିହାସ ରହିଛି, ତେବେ ଏବେ ସେହି ଇତିହାସ ଫର୍ଦ୍ଦକୁ ଲେଉଟାଇବା ପଛରେ ସେମିତି କିଛି ଲାଭ ନାହିଁ। କାରଣ ଯେବେ ଇରାନ୍‌ର ଭୂଗୋଳ ଏବେ ଖରାପ୍ ହେବାକୁ ବସିଲାଣି, ସେଭଳି କ୍ଷେତ୍ରରେ ଇତିହାସକୁ କିଏ ପଚାରେ। ଦୀର୍ଘ ପନ୍ଦର ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଆମେରିକା ଏବଂ ଇସ୍ରାଏଲ୍ ମଧ୍ୟରେ ଲାଗିରହିଥିବା ଯୁଦ୍ଧର ପରିଣତି ଏବେ ଅତି ଭୟାବହ ସ୍ତରକୁ ଗତି କରୁଛି। ଏହି ଯୁଦ୍ଧ ଯାହା ଇରାନ ଏବଂ ଇସ୍ରାଏଲ୍ ମଧ୍ୟରେ ଥିବା ପୂର୍ବ ସମ୍ପର୍କକୁ ଅତି ଖରାପ୍ ସ୍ତରକୁ ନେଇଗଲାଣି। ସେମିତି ଯୁଦ୍ଧ ଯଦି ଉଭୟ ଦେଶ ମଧ୍ୟରେ ଲାଗିରହେ, ସେମିତି ଯୁଦ୍ଧ ଯଦି ଉଭୟ ଦେଶ ମଧ୍ୟରେ ଏଇମିତି ଢଙ୍ଗରେ ଜାରିରହେ ତେବେ ଆଗାମୀ ସମୟରେ ଇରାନ୍‌କୁ ବିଭିନ୍ନ ଦୃଷ୍ଟି କୋଣରୁ ତଳକୁ ଖସାଇବାକୁ ଆଉ ବେଶି ସମୟ ଲାଗିବ ନାହିଁ। ଉଭୟ ସାମରିକ ଏବଂ ଆର୍ଥିକ ଦୃଷ୍ଟି କୋଣରୁ ଇରାନ୍ ଦିନକୁ ଦିନ ତଳକୁ ଖସିବାରେ ଲାଗିଛି। ଇରାନ ସହିତ ଇସ୍ରାଏଲ୍‌ର ଯୁଦ୍ଧ ଯଦି ଏମିତି ଲାଗି ରହେ, ତେବେ ଆଗାମୀ ସମୟରେ ଇରାନ୍‌ର ସାମାଜିକ ସ୍ଥିତି ଦିନକୁ ଦିନ ଅବଶ୍ୟ ଅତି ଖରାପ୍ ହୋଇଯିବ। ତଥାପି ଲଢ଼ିବ ଇରାନ। ଏ କଥା ଆମେ କହୁନୁ; ଅତି ଦମ୍ଭର ସହିତ ଏମିତି କିଛି କହୁଛି ଇରାନ୍। ଯାହା ବି କିଛି ହୋଇଯାଉ ନା କାହିଁକି ଇରାନ୍ କିନ୍ତୁ ଆମେରିକା ସହିତ ତା'ର ଲଢ଼େଇ ଜାରି ରଖିବ। ତେବେ ଇରାନ୍ ର ମୁଖ୍ୟ ଲକ୍ଷ୍ୟ କିନ୍ତୁ ଆମେରିକା ନୁହେଁ, ଇରାନ୍‌ର ମୁଖ୍ୟ ଲକ୍ଷ୍ୟରେ ରହିଛି ଇସ୍ରାଏଲ୍। ଯାହାକୁ ବରବାଦ କରିବା ପାଇଁ ଇରାନ୍ ମଧ୍ୟ ପଣ କରିଛି। କଳେ ବଳେ କଉଶଳେ, କୌଣସି ବି ପ୍ରକାରେ ଇସ୍ରାଏଲକୁ ବରବାଦ କରିବା ଲକ୍ଷରେ ରହିଛି ଇରାନ୍। ଏଣେ ଆମେରିକା ବଳରେ ବଳୀୟାନ ଇସ୍ରାଏଲ୍ କିନ୍ତୁ ଇରାନ୍ ଉପରେ ତା'ର ଘନ ଘନ ଆକ୍ରମଣ ଜାରି ରଖିଛି। ଆମେରିକା କଥାରେ ପଡ଼ି ଇସ୍ରାଏଲ୍ ବି ଦିନକୁ ଦିନ ଅତି ଘାତକ ହେବାରେ ଲାଗିଛି। ଅତି ଉଦ୍ଧତ ହେବାରେ ଲାଗିଛି। ଇରାନ୍ ଉପରେ ଏମିତି ଘନ ଘନ ଆକ୍ରମଣ ଜାରି ରଖିଛି। ଏମିତି ଆକ୍ରମଣ ଯାହାର ପ୍ରଭାବରେ ଥରହର ହେଲାଣି ଇରାନ୍। ଇରାନ୍‌ର ଶୀର୍ଷ ସ୍ତରୀୟ ନେତୃତ୍ୱ ଗୋଟାକ ପରେ ଗୋଟାଏ ଇସ୍ରାଏଲ୍‌ର ଘାତକ ଆକ୍ରମଣରେ ଏବେ ଟଳିପଡ଼ିଲେଣି। ତଥାପି ଡରୁନି ଇରାନ୍, ତଥପି ହାରୁନି ଇରାନ୍। ତଥାପି କୌଣସି ବି ପରିସ୍ଥିତିରେ ଇରାନ୍ ଇସ୍ରାଏଲ୍ ସହିତ ଯୁଦ୍ଧ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ମଧ୍ୟମ ପୁତ୍ର ମୋଜତାବା ଖାମେନେଇ ଏବେ ଯାଇ ଲୁଚିଛନ୍ତି ରୁଷିଆରେ। ସେଇଥିପାଇଁ ଅବଶ୍ୟ ବର୍ତ୍ତି ଯାଇଛନ୍ତି। ନଚେତ୍ କେବେଠାରୁ ସେ ସଫା ହୋଇସାରନ୍ତେଣି। ତାଙ୍କୁ ସେହି ଇରାନ୍ ମାଟିରେ କବର ଦେଇସାରନ୍ତାଣି ଇସ୍ରାଏଲ୍। ସତରେ କେତେ ନିଷ୍ଠୁର ଇସ୍ରାଏଲ୍। ଆମେରିକା ଯେ ତାହା ପଛରେ ରହିଛି ତା'ର ସହାୟତା କରିବା ପାଇଁ। ଏଣୁ ଇରାନ୍ କୁ କାହିଁକି ବା ଡରିବ ଇସ୍ରାଏଲ୍। କୌଣସି ବି ପରିସ୍ଥିତିରେ ସେ ଇରାନର ଭିତ୍ତିଭୂମିକୁ ବର୍ବାଦ୍ କରିବା ପାଇଁ ଇରାନ୍ ପଛରେ ପଡ଼ିଯାଇଛି। ଆମେରିକା ଯାହା ପଛରେ ରହିଛି, ସେ ବା କାହିଁ କି କାହାକୁ ଡରିବ। ଏବେ ଉଭୟ ଆମେରିକା ଏବଂ ଇସ୍ରାଏଲ୍ ଇରାନ ଉପରେ ସେମାନଙ୍କର ଆକ୍ରମଣକୁ ଆହୁରି ଜୋରଦାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି। ସ୍ଥଳସେନା ପୂରାଇ ସମଗ୍ର ଇରାନ୍‌ର ସାମରିକ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଯୋଜନା ଆରମ୍ଭ କରିଦେଲାଣି। ଇରାନ୍ ର ଶକ୍ତି କୁହାଯାଉଥିବା ହର୍ମୁଜ୍ ଏବଂ ଖାର୍ଗ ଉପରେ କବ୍ଜା କରିବା ପାଇଁ ଆମେରିକା ତା'ର ସୈନ୍ୟମାନଙ୍କୁ ଯୁଦ୍ଧପୋତ ସହ ପ୍ରେରଣ କଲାଣି। ଏପଟେ ରକ୍ତମୁଖା ଇରାନ୍ ଆମେରିକାର ସହଯୋଗୀ ବୋଲାଉଥିବା ମଧ୍ୟପ୍ରାଚ୍ୟର ଏକାଧିକ ଉପସାଗରୀୟ ଦେଶମାନଙ୍କ ଉପରେ ତା'ର ଆକ୍ରମଣ ଜାରି ରଖିଛି। ତେବେ ଇରାନ୍‌ର ପ୍ରଥମ ଲକ୍ଷ୍ୟରେ ରିହିଛି ଇସ୍ରାଏଲ୍। ଯାହାକୁ ବରବାଦ୍ କରିବା ଲକ୍ଷରେ ରହିଛି ଇରାନ୍। ତେବେ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଏଭଳି ସ୍ଥିତିକୁ ଅନୁଧ୍ୟାନ କଲେ ଆଗକୁ ଯେ ଯୁଦ୍ଧସ୍ଥିତି ଆହୁରି ଭୟଙ୍କର ହେବ, ତାହା ସ୍ପଷ୍ଟ ରୂପେ ଅନୁମାନ କରାଯାଇପାରେ।

## ଶେଷ ସୁଯୋଗ

ଉତ୍ତର ଦିଗରେ ପ୍ରବାହିତ କୁଳୁକୁଳୁ ନାଦରେ ପ୍ରବାହିତ ସୁନ୍ଦର ନଦୀଟିଏ। ନଦୀକୂଳରେ ନିଜର ଗୋଟାଏ ମନୋରମ ଆଶ୍ରମ କରି ଗୁରୁ ସେହିଭଳି ଏକ ଶାନ୍ତ ସରଳ ପରିବେଶରେ ନିଜର ଶାନ୍ତ ସରଳ ଜୀବନକୁ ଅତି ସତ୍ ପଥରେ ରହି ଅତିବାହିତ କରୁଥିଲେ ସନ୍ଥ ମହାଶୟ। ଯାହା ଆଶ୍ରମର ପରିବେଶକୁ ଅତି ସୁନ୍ଦର କରୁଥିଲା। ସେଭଳି ସ୍ଥିତିରେ ଗୁରୁଜୀ ବି ଅତି ପ୍ରସନ୍ନ ସମ ପରିଦୃଶ୍ୟମାନ ହେଉଥିଲେ। ଥରେ ଆଶ୍ରମର ପ୍ରତିଷ୍ଠା ଦିବସ ଅବସରରେ ଅନ୍ତେବାସୀଙ୍କୁ ନେଇ ସନ୍ଥ ସାନ୍ୟାଲ୍ ଏକ ଉତ୍ସବର ଆୟୋଜନ କରିଥିଲେ। ଯେଉଁଥିରେ ଆଖପାଖ ଅଞ୍ଚଳର ସାଧାରଣ ଜନତାଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସମସ୍ତଙ୍କ ସମାଗମରେ କାର୍ଯ୍ୟକ୍ରମଟା ଅତି ସୁନ୍ଦର ବି ହୋଇଥିଲା। ଗୁରୁଙ୍କ ସତ ଆଚରଣ ଏବଂ ସତ୍ ପ୍ରଭାବ ବଳରେ ଧୀରେ ଧୀରେ ତାଙ୍କଗ କେତେକ ଶିଷ୍ୟ ତାଙ୍କୁ ଅନୁସରଣ କରିବାକୁ ଲାଗିଲେ ଏବଂ ପରେ ପରେ ଶିଷ୍ୟମାନଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଲା। ଏହିପରି ଭାବେ ଆଶ୍ରମରେ ଅନେକ ଶିଷ୍ୟମାନଙ୍କର ସମାଗମ କ୍ରମଶଃ ଆଶ୍ରମର ପରିବେଶକୁ ଧୀରେ ଧୀରେ ଅତି କୋଳାହଳମୟ କରିଦେଲା। ତେବେ କାର୍ଯ୍ୟକ୍ରମ ଶେଷରେ ସନ୍ଥ, ତାଙ୍କର ଶିଷ୍ୟମାନଙ୍କୁ ଏକତ୍ର କରି ସେମାନଙ୍କ ଉଦ୍ଦେଶ୍ୟରେ ସଂକ୍ଷିପ୍ତ ପ୍ରସଙ୍ଗର ଉପସ୍ଥାପନ କରିଥିଲେ। ଶିଷ୍ୟମାନଙ୍କୁ ସେମାନଙ୍କର ଆଶ୍ରମ ପରିସରରୁ ବିଦାୟ ନେବାର ସମୟ ଉପନୀତ ହେବାର ପୂର୍ବାଭାସ ମଧ୍ୟ ପ୍ରଦାନ କରିଥିଲେ। ତେବେ ଶିଷ୍ୟମାନଙ୍କ ମଧ୍ୟରୁ କେତେକ ଗୃହ ଗମନର ଖୁସିରେ, ବିଦାୟ ନେବାର ଖୁସିରେ ଅତି ଅଧୀର ହୋଇପଡ଼ିଲେ। ହେଲେ ଆଉ କେତେକ କିନ୍ତୁ ଆଶ୍ରମରୁ ବିଦାୟ ନେବାର କଥା ଗୁରୁଜୀଙ୍କ ମୁହଁରୁ ସେଭଳି କଥା ଶୁଣି ଦୁଃଖରେ ଭାଙ୍ଗିପଡ଼ିଲେ। ହେଲେ ଗୁରୁଜୀ କିନ୍ତୁ ତାଙ୍କର ସେହି କଥାକୁ ପୁନର୍ବାର ଉଚ୍ଚାରଣ କରି ଶିଷ୍ୟମାନଙ୍କର ଆଶ୍ରମରୁ ସେମାନଙ୍କର ବିଦାୟ ନେବାର କଥାକୁ ଆଉଥରେ ଗୁରୁଜୀ ସନ୍ଥ ସାନ୍ୟାଲ୍ ସେହିକଥାକୁ ସେ ଦୋହରାଇଲେ। ତେବେ ଆଶ୍ରମରୁ ବିଦାୟ ନେବା ପୂର୍ବରୁ ଗୁରୁଜୀ ସନ୍ଥ ସାନ୍ୟାଲ୍ ଆଶ୍ରମରୁ ଯିବା ପୂର୍ବରୁ ଶିଷ୍ୟମାନଙ୍କୁ ସେମାନଙ୍କର ଲକ୍ଷ୍ୟ ବିଷୟରେ ପ୍ରଶ୍ନ ପଚାରିଲେ। ପ୍ରତ୍ୟକ ଶିଷ୍ୟ ନିଜ ନିଜର ଲକ୍ଷ୍ୟ ବିଷୟରେ ଗୁରୁଜୀଙ୍କୁ ଅତି ଉତ୍ସାହର ସହିତ ଜଣାଇଲେ। ତେବେ ଦୁଇଜଣ ଶିଷ୍ୟ କିନ୍ତୁ ନିରୁତ୍ତର ରହିଲେ। ଗୁରୁଜୀ ସେମାନଙ୍କୁ ପୁଣି ପ୍ରଶ୍ନ ପଚାରିବାରୁ ତଥାପି ସେମାନେ ନିରୁତ୍ତର ରହିଲେ। ସନ୍ଥ ଦୁଇ ଶିଷ୍ୟଙ୍କର ଶିକ୍ଷାର ଅପରିସମାପ୍ତି ଅନୁଭବ କରି ସେମାନଙ୍କୁ ଆଉଥରେ ସେହି ଆଶ୍ରମରେ ରହିବାର ସୁଯୋଗ ଦେଲେ। ହେଲେ ଗୋଟିଏ ସର୍ତ୍ତରେ ଯେ ସେ ଦୁହିଁଙ୍କ ପାଇଁ ଏହା ହୋଇପାରେ ଶେଷ ସୁଯୋଗ।

# ହିଂସାରୁ ଜାତ ପ୍ରତିହିଂସା

ଅଧ୍ୟାପକ ଗୋପବନ୍ଧୁ

ଧର୍ମ ଆଧାରିତ ହିଂସା ଏବେ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ଦେଶରେ ଧାର୍ମିକ ହିଂସା ଅନୁଷ୍ଠିତ ହେଲେ, ଅନ୍ୟ ଦେଶରେ ଏହାର ପ୍ରତିହିଂସା ଦେଖା ଦେଉଛି। କିଛିଦିନ ତଳେ ଆମ ପଡୋଶୀ ବାଙ୍ଗଲା ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର, ତାଙ୍କୁ ହତ୍ୟା, ତାଙ୍କ ଘରପୋଡ଼ି, ମନ୍ଦିର ଭଙ୍ଗାଯିବ ପରି ନାରକୀୟ ଘଟଣା ସମ୍ମୁଖକୁ ଆସିଛି। ଏହିପରି ଘଟଣା ପାକିସ୍ଥାନରେ ମଧ୍ୟ ପୂର୍ବରୁ ଘଟିଛି। ଧର୍ମଭିତ୍ତିକ ହିଂସା କେବଳ ଏହି ଦେଶରେ ରହିଛି ଏବଂ ଭାରତରେ ନାହିଁ ବୋଲି କହି ହେବ ନାହିଁ। ଆମ ଦେଶରେ ମଧ୍ୟ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେବାର ଅନେକ ଦୃଷ୍ଟାନ୍ତ ରହିଛି। ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ହିନ୍ଦୁମାନେ ସଂଖ୍ୟାଲଘୁ। କିନ୍ତୁ ଭାରତରେ ମୁସଲମାନ, ଖ୍ରୀଷ୍ଟିୟାନ ଓ ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ଲୋକମାନେ ସଂଖ୍ୟାଲଘୁ। ଏ ସମସ୍ତ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଏକ ପୁରୁଣା ରୋଗ। ଏଦିଗରେ କେବଳ ଗୋଟିଏ ଦେଶକୁ ଦୋଷଦେଲେ ଚଳିବ ନାହିଁ। ଏହାର ଐତିହାସିକ ଓ ସାମାଜିକ ପୃଷ୍ଠଭୂମି ରହିଛି। ଗୋଟିଏ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଲେ ଅନ୍ୟ ଦେଶରେ ଏହାର ପ୍ରତିକ୍ରିୟା ପରିଲକ୍ଷିତ ହେଉଛି।

କେଇମାସ ତଳେ ଭାରତବର୍ଷରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ହିଂସା ପରିଲକ୍ଷିତ ହେଲା। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ରକୁ ପୋଡି ମାରିବାର ଦୃଷ୍ଟାନ୍ତ ରହିଛି ଯାହା ବିଶ୍ୱର ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ପୁଣି ଏବେକାର ଘଟଣା ଯୋଗୁଁ ବିଭିନ୍ନ ଦେଶରେ ପ୍ରତିକ୍ରିୟା ଦେଖାଦେଇଛି। ଫଳରେ ବିଭିନ୍ନ ଖ୍ରୀଷ୍ଟ ବହୁଳ ଦେଶରେ ଭାରତୀୟ ହିନ୍ଦୁମାନଙ୍କ ପ୍ରତି ନକାରାତ୍ମକ ଭାବନା ଜାଗ୍ରତ ହେଉଛି। ଘଟଣାର ପ୍ରତିକ୍ରିୟା ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ସାମ୍ବାଦିକ ଘୋଷଣା କରିଛନ୍ତି ଯେ ନୂଆବର୍ଷ ପରେ ହିନ୍ଦୁ ମନ୍ଦିର ଓ ବାଛି ବାଛି ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯିବ। ଆଶା କରିବା ଏପରି କିଛି ନହେଉ ଓ ସେଠାକାର ସରକାର ଏ ଦିଗରେ ସତର୍କ ରହନ୍ତୁ। ତଦ୍ରୂପଭାବେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର ସମାନ ପ୍ରତିକ୍ରିୟା ସୃଷ୍ଟି କରିବ। ଭାରତରେ ଏପରି ଆକ୍ରମଣ ଓ ହିଂସା ବନ୍ଦ ହେବା ଉଚିତ୍। ଏପରି କରିବା ଦ୍ୱାରା ପାଶ୍ଚାତ୍ୟ ଦେଶରେ ତଥା ମୁସଲମାନ ଦେଶରେ କର୍ମନିଯୁକ୍ତି ପାଇଥିବା ଲକ୍ଷ ଲକ୍ଷ ଭାରତୀୟ ହିନ୍ଦୁଙ୍କୁ ବିପଦରେ ପକାଇବା। ଏହା ସହିତ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ଧର୍ମର ଯେଉଁ ଉଦାରବାଦୀ ଛବି ବିଦେଶରେ ତିଆରି କରିଛନ୍ତି ତାହା ମଧ୍ୟ ଧୂଳିସାତ୍ ହୋଇଯିବ। ଆମ ଆନ୍ତର୍ଜାତିକ ସମ୍ବନ୍ଧ ବିଗଡିଯିବ। ବଦଳରେ ଆମେ ନିଶ୍ଚିତ ଚାହିଁବ ଯେ ବିଶ୍ୱର କୌଣସି ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ନହେଉ।

ହିଂସାରୁ ଜାତ ପ୍ରତିହିଂସା। ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା। ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ। ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରୀୟା ଆଗକୁ ବଢ଼ିଚାଲେ। ଏହା ହଠାତ୍ ସମାପ୍ତ ହୁଏ ନାହିଁ। କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ। ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତ କରେ। କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ। ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦଜିବିତ ରହେ। ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେ ନାହିଁ। ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ। ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ। ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ। ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୁଏ। ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣା ହୋଇଛି। ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି। ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି। କେବଳ ଭାରତ ନୁହେଁ ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ମଧ୍ୟ ସମାନ ଢଙ୍ଗରେ ରାଜନୀତି ଚାଲିଛି।

ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି। ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି। ଭାରତରେ ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି। ହିନ୍ଦୁ ଭୋଟର ଏକତ୍ରୀକରଣ, ମୁସଲମାନ ଭୋଟର ଏକତ୍ରୀକରଣ, ଶିଖ୍ ଭୋଟର ଏକିତ୍ରିକରଣ, ଲିଙ୍ଗାୟତ୍ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି। ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଏହାକୁ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି। ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି। ରାଜନୈତିକ ମଞ୍ଚରୁ ମଧ୍ୟ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି। ସମାଜରେ, ପରିବାରରେ, ଚା' ଖଟିରେବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି। ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି। ବାଂଲାଦେଶ ଓ ପାକିସ୍ତାନରେ ହିନ୍ଦୁ ବହୁଳ ଭାରତବର୍ଷ ବିରୁଦ୍ଧରେ ହିଂସାଭାବ ରହିଛି। ଏହା ବିନା ସେଠାରେ ରାଜନୀତି ଚାଲିବ ନାହିଁ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢୁଛି। ଧର୍ମ ଆଧାରରେ ମୋବ୍ ଲିନଚିଂ ହେଉଛି। ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯ୍ୟାତନା ଦିଆଯାଉଛି। ତାଙ୍କୁ ହତ୍ୟା ମଧ୍ୟ କରାଯାଉଛି। ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି। ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି। ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ। ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତକ୍ଷଣାତ ନୁହେଁ। ଏହା ଦୀର୍ଘ ମାନସିକତାର ପ୍ରତିଫଳନ। ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୁରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ। ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ଘଟଣା ସମ୍ମୁଖକୁ ଆସୁଛି। ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର ଯାହା ଅତୀତକୁ ଲମ୍ବିଛି।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ୍? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣି ଆସିଛି ସିଏ? ପ୍ରକୃତପକ୍ଷେ ଉଭୟେ ଦାୟୀ। ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ। ଯେଉଁ ଗଣମାଧ୍ୟମଗୁଡିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ। ମନେ ରଖିବାକୁ ହେବ ଭାରତବର୍ଷରେ ଗଣତନ୍ତ୍ରର ଜଡ ମଜଭୂତ ଏବଂ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ। କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ। ପାକିସ୍ଥାନ ଓ ବାଂଲାଦେଶ ମଧ୍ୟ ହିଂସା ଉପରେ ପ୍ରତିଷ୍ଠିତ ନିଜ ରାଷ୍ଟ୍ରୀୟତାକୁ କେବେ ସୁଦୃଢ କରିପାରିବ ନାହିଁ। ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶୀକାର ହୁଏ। ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ। କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ। ଯିଏ ବିଦ୍ୱେଷ ବାଣ୍ଟୁଛି ତା ବିରୁଦ୍ଧରେ ବି କାଲି ବିଦ୍ୱେଷ ତିଆରି ହେବ। ଏହା ଛଡା ନିଜର ଫାଇଦାପାଇଁ ଯେଉଁ ଭିଡତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ ନିୟନ୍ତ୍ରଣର ବାହାରକୁ ଚାଲିଯିବ। ସେତେବେଳେ ଏମାନେହିଁ ଭସ୍ମାସୁର ବନିଯିବେ।

ତେଣୁ ବିଭିନ୍ନ ଦେଶରେ ଦେଖା ଦେଉଥିବା ଧର୍ମଭିତ୍ତିକ, ଜାତିଭିତ୍ତିକ, ସମ୍ପ୍ରଦାୟଭିତ୍ତିକ ଓ ଅଞ୍ଚଳଭିତ୍ତିକ ହିଂସାର ପ୍ରତିହତ ପାଇଁ ସହମତି ପ୍ରକାଶ ପାଉ ଏବଂ ଏଦିଗରେ ସମସ୍ତ ଦେଶ ସମୁଚିତ ପଦକ୍ଷେପ ନିଅନ୍ତୁ। ହିଂସା ହେଉଛି ବିନାଶର କାରଣ ଓ ହିଂସାର ଅନ୍ତରେ ରହିଛି ପ୍ରଗତି।

**ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦**
**(ଅବସରପ୍ରାପ୍ତ, ଦର୍ଶନ ବିଭାଗ)**

# ମନେପଡନ୍ତି ଡାକ୍ତର ଦାମୋଦର ରାଉତ

ହିମାଂଶୁ ଶେଖର ଆଚାର୍ଯ୍ୟ

ସବୁଦିନ ପାଇଁ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ। ଯେଉଁ ରାଇଜକୁ ଜଣେ ଥରେ ଗଲେ ଆଉ ଫେରି ଆସେନା। ଅଫେରା ସେ ବାଟ। କିନ୍ତୁ ତାଙ୍କ ଦେହାନ୍ତ ଦିନ ଯେତେ ଗଡିଗଡି ଯାଉଛି ତାଙ୍କ ସୁଗୁଣ ଓ ସୁକର୍ମର ସୁମନ ସେତେ ବେଶୀ ପାଖୁଡା ମେଲାଉଛି। ସେ ହେଉଛନ୍ତି ଓଡିଶା ରାଜନୀତିର ପିତାମହଭୀଷ୍ମ, ବର୍ଷିୟାନ ଓ ସ୍ୱାଭିମାନୀ ରାଜନେତା, ରାଷ୍ଟ୍ରନୀତିଜ୍ଞ ଡାକ୍ତର ଦାମୋଦର ରାଉତ। ୨୦୨୪ ମସିହା ମାର୍ଚ୍ଚ ୨୨ତାରିଖରେ ତାଙ୍କର ପରଲୋକ ଘଟିଛି। ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା କିନ୍ତୁ ସେ ଜୀଇଁ ରହିଚନ୍ତି ଓ ରହିଥିବେ କାଳକାଳକୁ ଏଥିରେ ସନ୍ଦେହର ଅବକାଶ ନାହିଁ। ଅନ୍ୟ ଅର୍ଥରେ କହିଲେ ସେ ସବୁଦିନେ ଅପାଶୋରା ହୋଇରହିବେ। ୧୯୪୨ ଜୁଲାଇ ୨ତାରିଖରେ ଜଗତସିଂହପୁର ଜିଲ୍ଲା ଏରସମ ବ୍ଲକର ମଲ୍ଲିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ କପିଳ ରାଉତଙ୍କ ଚାରିପୁଅ (ରାମଚନ୍ଦ୍ର, ଶ୍ୟାମସୁନ୍ଦର, ଦାମେଦର, ବାମଦେବ) ମଧ୍ୟରୁ ତୃତୀୟ ପୁଅ ଥିଲେ ଦାମୋଦର। ଶିକ୍ଷାଶେଷ ପରେ ଜଣେ ପ୍ରାଣୀଚିକିତ୍ସକ ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ପ୍ରବାଦପୁରୁଷ ବିଜୁପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିଥିଲେ। ବିଜୁବାବୁଙ୍କ ପରାମର୍ଶରେ ସେ ଚାକିରି ଛାଡି ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ପ୍ରଥମଥର ପାଇଁ ୧୯୭୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି। ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ଓଡିଶାର ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତି ପଟରେ ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲ। ସେ ଥିଲେ ଓଡିଶା ରାଜନୀତିର ଚଳନ୍ତି ଇତିହାସ। କଥା କହିବାରେ ସେ ଥିଲେ ମାହିର। ତେଣୁ ଯେତେବେଳେ ଗଣମାଧ୍ୟମ ପାଖରେ କିଛି ଖବର ନଥାଏ ସେମାନେ ଚାଲିଯାଆନ୍ତି ସ୍ୱର୍ଗତ ରାଉତଙ୍କ ବାସଭବନକୁ। ସେ ଯାହା କହିଦିଅନ୍ତି ତାହା ଏକ ପ୍ରସଙ୍ଗ ହୋଇଯାଏ। ତାକୁ ନେଇ ଆଲୋଚନା ଓ ସମାଲୋଚନା ହୁଏ। ଏଥିପାଇଁ କେତେକ କୁହନ୍ତି ଦାମବାଣ ଭାରିଟାଣ। ଅନେକ ସମୟରେ ଅପ୍ରିୟ ସତ କହି ସେ ବିବାଦୀୟ ହୋଇ ଡାକ୍ତର ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା। ୧୯୭୭ ମସିହାରୁ ୨୦୧୫ମସିହା ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧି ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଛନ୍ତି। ୧୯୭୭, ୧୯୮୦, ୧୯୯୦ଓ ୨୦୦୦,୨୦୦୪ ମସିହାରେ ଏରସମା ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ସୂଚନା ଓ ଲୋକ ସମ୍ପର୍କ, ଶିଶୁ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟକରି ନିଜର ଦକ୍ଷତାର ପ୍ରମାଣ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ଓ ୨୦୧୪ ମସିହାରେ ନବ ଗଠିତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରୁ ଲଗାତାର ୨ଥର ବିଧାନ ସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ସମବାୟ,ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ମନ୍ତ୍ରୀ ରହିଥିବା ବେଳେ ଏବେ ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ। ବିଶେଷକରି ପଞ୍ଚାୟତିରାଜ ମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକୁଶଳତା ଏବେବି ଅନ୍ୟମାନଙ୍କପାଇଁ ଉଦାହରଣୀୟ ହୋଇ ରହିଛି ଓ ରହିଥିବ। ସେଥିପାଇଁ ଜାତୀୟସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ମନ୍ତ୍ରୀଭାବେ ସମ୍ମାନିତ ହେବା ତାଙ୍କ ଦକ୍ଷତା ଓ ପାରିବାପଣିଆର ଏକ ନିଚ୍ଛକ ନମୁନା। ୧୯୯୯ ମସିହାର ମହାବାତ୍ୟା ସମୟରେ ବାତ୍ୟା ଦୁର୍ଗତଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ଥଇଥାନ କରିବା ଓ ଜିଇଁବାର ରାହା ଦେବାରେ ତାଙ୍କର ଭୂମିକା ଉଚ୍ଚ ପ୍ରଶଂସନୀୟ। ସେତେବେଳେ ସେ ବିଧାୟକ ନଥିଲେ ମଧ୍ୟ ମାଟିର ଲୋକମାନଙ୍କ ପାଖେ ପାଖେ ରହି ସମସ୍ତ ସହଯୋଗ କରିଥିଲେ। ସେଥିପାଇଁ ଏରସମା ଓ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣ ତାଙ୍କ ପାଖରେ ସଦା ଋଣୀ ହୋଇ ରହିବେ।

ଦୀର୍ଘ ବର୍ଷର ରାଜନୈତିକ ଜୀବନ ମଧ୍ୟରେ ଡାକ୍ତର ରାଉତଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିନାହିଁ। ସାରା ଜୀବନ ସେ ଅଣକଂଗ୍ରେସ ରାଜନୀତିରେ ନିଜକୁ ସାମିଲ କରି ରଖିଥିଲେ। ସେ ନିଜର ସ୍ପଷ୍ଟ ବାଦିତା ଓ ସ୍ୱାଭିମାନ ବଜାୟ ରଖିବା ଯୋଗୁ ଅନ୍ୟନେତାଙ୍କ ରୋଷ, ରାଜନୈତି ଷଡଯନ୍ତ୍ରର ଶିକାର ହୋଇ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଥିଲେ। ତଥାପି ସେ ଭାଙ୍ଗି ପଡିନଥିଲେ। ତାଙ୍କ ନିର୍ଭୀକ ତୁଣ୍ଡ ସବୁବେଳେ ଚଳଚଞ୍ଚଳ ଥିଲା। ଏକ ବିଶେଷ ଘଟଣାକ୍ରମରେ ଭୁବନେଶ୍ୱର ସହିଦନଗରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରିବା ପାଇଁ ୨୦୧୨ ମେ ୨୯ ତାରିଖରେ ଚାଲିଥିବା ମଧ୍ୟରାତ୍ରୀ ଷଡଯନ୍ତ୍ରକୁ ବିଫଳ କରିବାରେ ଡାକ୍ତର ରାଉତ ପ୍ରମୁଖ ଭୂମିକା ନେଇଥିଲେ ଏପରିକି ଗୋଟିଏ ଆଞ୍ଚଳିକ ଦଳରେ ଦ୍ୱିତୀୟ କ୍ଷମତା କେନ୍ଦ୍ର କର୍କଟ ସଦୃଶ ବୋଲି କହିଥିଲେ। ଏପରିକି ଜଣେ ପୂର୍ବତନ ମନ୍ତ୍ରୀ ଏଭଳି ଟିପ୍ପଣୀରୁ ବିରତ ରହିବାକୁ କହିଥିଲେ ମଧ୍ୟ ସେ କହିଥିଲେ - ମୁଁ ସଜନା ଗଛ, ଭାଙ୍ଗିଯିବି ପଛେ ନଇଁବି ନାହିଁ। ଯାହା ତାଙ୍କ ସ୍ୱାଭିମାନର ପରିଚୟ ଦିଏ।

ସ୍ୱର୍ଗତ ରାଉତଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା ସେ ଶୂନ୍ୟତା କେବେ ପୂରଣ ହେବ କେଜାଣି? ସେ ସୁଦିନକୁ ଅପେକ୍ଷା! ଏବେ ତାଙ୍କର ସୁଯୋଗ୍ୟପୁତ୍ର ବିଧାୟକ ସମ୍ବିତ ରାଉତରାୟ ଓ ସୁଯୋଗ୍ୟା କନ୍ୟା ପ୍ରୀତିନନ୍ଦା ରାଉତରାୟ ରାଜନୀତିରେ ସକ୍ରିୟ ଅଛନ୍ତି। ସେମାନେ ଡାକ୍ତର ରାଉତଙ୍କ ସ୍ୱପ୍ନକୁ ସାକାର କରିପାରିବେ ବୋଲି ସମସ୍ତେ ଆଶା ରଖିଛନ୍ତି।

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ-୯୩୩୭୨୨୧୯୨୪**

# ହାତ ଓ ପାଦ କୋଲ ମାରୁଛି କି ?

ଡାକ୍ତର ରାମପ୍ରସାଦ ରାୟ

ହାତ ଓ ପାଦ ଥଣ୍ଡା ହୋଇ କୋଲ ମାରିବା ଖରାପ ରକ୍ତ ସଞ୍ଚାଳନର ଏକ ଲକ୍ଷଣ ହୋଇପାରେ। ରକ୍ତ ସଞ୍ଚାଳନ ହେଉଛି ହୃତପିଣ୍ଡରୁ ମାଂସପେଶୀ, ଚର୍ମ ଓ ଅଙ୍ଗଗୁଡ଼ିକୁ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ବଣ୍ଟନ କରିବାର ଶାରୀରିକ ପ୍ରକ୍ରିୟା। ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଲେ ହାତ ଓ ପାଦ ଝିମଝିମ ହୁଏ। ଖରାପ ସଞ୍ଚାଳନର ସମୟୋଚିତ ଚିକିତ୍ସା କରା ନଗଲେ ତାହା ବିପଜ୍ଜନକ ହୋଇପାରେ। ଦୁର୍ବଳ ରକ୍ତ ସଂଚାଳନର କିଛି ଲକ୍ଷଣ ହେଲା ହାତ ଓ ପାଦ ଥଣ୍ଡା ପଡ଼ିଯିବା, ଛୁଞ୍ଚି ଫୋଡ଼ି ହେବା ପରି ଲାଗିବା, ଚର୍ମ ନୀଳ କିମ୍ବା ଫିକା ପଡ଼ିଯିବା, ପାଦ ବା ହାତ ଆଙ୍ଗୁଠି ନିସ୍ତେଜ ଲାଗିବା, ଶିରା ଫୁଲିଯିବା ବା ଭାରିକୋଜ ଭେନ ହେବା, ଚାଲିବା କିମ୍ବା ଠିଆ ହେବା ସମୟରେ ଗୋଡ଼ରେ ଯନ୍ତ୍ରଣା ହେବା।

ଖରାପ ରକ୍ତସଞ୍ଚାଳନ କାରଣ ଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ଆଥେରାସ୍କେରୋସିସ୍ (ଧମନୀ କାନ୍ଥରେ ଚର୍ବି ଜମା) ଯହିଁରେ ରକ୍ତନାଳୀଗୁଡ଼ିକ ସଂକୁଚିତ ହୋଇ ରକ୍ତ ପ୍ରବାହ କଷ୍ଟକର ହୋଇଯାଏ। ଏହା ଟିସୁଗୁଡ଼ିକୁ ଅମ୍ଳଜାନ ଯୋଗାଣ ହ୍ରାସ କରି ହୃଦଘାତ କିମ୍ବା ମସ୍ତିଷ୍କଘାତର ଆଶଙ୍କା ବଢ଼ାଇପାରେ। ଉଚ୍ଚ ରକ୍ତଚାପ ଧମନୀଗୁଡ଼ିକୁ କଠିନ ଏବଂ ପ୍ଲାକ ଜମା ହେବାର ସମ୍ଭାବନା ବଢ଼ାଇଦିଏ, ଯାହା ହାତ ଓ ପାଦ ପରି ଶରୀରର ଦୂରତମ ଭାଗକୁ ରକ୍ତ ପ୍ରବାହ ଧୀର କରିଦିଏ। ରକ୍ତରେ ଅତ୍ୟଧିକ ଶର୍କରା ରହିଲେ ମଧ୍ୟ ଧମନୀ କଠିନ ହୋଇଯାଏ। ସେହିପରି ଅତ୍ୟଧିକ ଓଜନ ହୃତପିଣ୍ଡ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ମଧୁମେହ, ଉଚ୍ଚରକ୍ତଚାପ ଓ କୋଲେଷ୍ଟ୍ରଲ ସମସ୍ୟାର ଆଶଙ୍କା ବଢ଼ାଇଥାଏ।

ଚାଲିବା, ପହଁରିବା, ବଗିଚାକାମ ଓ ଯୋଗ ଆଦି ରକ୍ତ ସଞ୍ଚାଳନକୁ ଉନ୍ନତ କରିବାର ଉତ୍କୃଷ୍ଟ ଉପାୟ। ପ୍ରତ୍ୟହ ଛଅ ଆଠ ଗ୍ଲାସ ପାଣି ପିଇ ଶରୀରକୁ ଆର୍ଦ୍ର ରଖିବା ସହ ରକ୍ତ ପ୍ରବାହକୁ ସୁଗମ କରିହେବ। ସନ୍ତୁଳିତ ଆହାର ଧମନୀକୁ ସୁସ୍ଥ ରଖେ ଏବଂ ସଞ୍ଚାଳନରେ ସାହାଯ୍ୟ କରେ। ପ୍ରଚୁର ଫଳ, ପନିପରିବା, ସମ୍ପୂର୍ଣ୍ଣ ଶସ୍ୟ ଏବଂ ତୈଳାକ୍ତ ମାଛ ସହିତ ଏକ ସୁସ୍ଥ ଖାଦ୍ୟ ଯୋଜନା ପ୍ଲାକ ହ୍ରାସ କରି ସଞ୍ଚାଳନକୁ ବୃଦ୍ଧି କରିପାରିବ। ଯଦି ବାରମ୍ବାର ହାତ କିମ୍ବା ପାଦ କୋଲ ମାରିବା ଅଥବା ରକ୍ତ ସଂଚାଳନ ସମସ୍ୟା ଲକ୍ଷ୍ୟ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ। ସବୁବେଳେ ମନେ ରଖନ୍ତୁ ସକରାତ୍ମକ ଜୀବନ ବଞ୍ଚିବା ସହିତ ସୁଷମ ଖାଦ୍ୟ, ବିଶୁଦ୍ଧ ପାଣି ସହିତ ଯଥା ସମ୍ଭବ ଶାରୀରିକ ବ୍ୟାୟାମ, ଯୋଗାସନ, ପ୍ରାଣାୟାମ ଖୁବ ଭଲ। ଖାଦ୍ୟ ତାଲିକାରେ ଶାଗ, ତଟକା ପନିପରିବା, ଫଳକୁ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଶରୀରର ସାମର୍ଥ୍ୟ ରହିଥିଲେ ନିୟମିତ ଭାବେ ରକ୍ତଦାନ କରି ଏକ ସେବା କାର୍ଯ୍ୟରେ ନିଜକୁ ସାମିଲ କରିପାରିବେ। ସବୁବେଳେ ଆନନ୍ଦରେ ରହିବା ସହ ସକାଳୁ, ରାତ୍ରି ଅର୍ଥାତ୍ ବିଛଣାକୁ ଯିବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତକୁ ଖୁସିର ସହ ବିତାଇ ଏକ ମାନସିକ ସନ୍ତୋଷ ସମ୍ପୂର୍ଣ୍ଣ ଜୀବନ ଅତିବାହିତ କଲେ ଆପଣଙ୍କ ଶାରୀରିକ ସମସ୍ୟା ଗୁଡ଼ିକ ମଧ୍ୟ ସବୁ ଦୂରେଇ ଯିବ।

**କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୯ ମେ' ୨୦୨୬

# ମାର୍କଣ୍ଡିରେ ଦୁଇ ନାଚ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ୧୦ ଗିରଫ



**ଗୋପାଳପୁର,୨୮।୫:** ଗୋଳନ୍ଥରା ଥାନା ଅନ୍ତର୍ଗତ ମାର୍କଣ୍ଡି ଠାକୁରାଣୀ ଯାତ୍ରା ରେ ଚାଲିଥିବା ବେଳେ ରାମପଲ୍ଲୀ ଏବଂ ଗୋବିନ୍ଦପୁର ଦୁଇ ନାଚ ଦଳ ମଧ୍ୟରେ ଗଣ୍ଡଗୋଳ ଘଟିବା ଘଟଣା ରେ ଉଭୟ ପକ୍ଷ ର ଦଶ ଜଣ ଙ୍କୁ ସ୍ଥାନୀୟ ଗୋଳନ୍ଥରା ଥାନା ଗିରିଫ କରିଥିବା ସୂଚନା ମିଳିଛି !ସୂଚନା ଅନୁସାରେ, ମାର୍କଣ୍ଡି ଗ୍ରାମରେ ଦୁଇ ଦଳ ର ନାଚ ଚାଲିଥିବା ବେଳେ କୌଣସି ଏକ ଛୋଟିଆ ଘଟଣା କୁ ନେଇ ପ୍ରଥମେ ଗାଳି ଗୁଲଜ, ପରେ ପଥର ରେ ଆକ୍ରମଣ ଏବଂ ପ୍ରତି ଆକ୍ରମଣ ହେଲା ପରେ ଏହା ଉଗ୍ରରୂପ ନେଇ ଠେଙ୍ଗା, ବମ ରେ ଆକ୍ରମଣ ହୋଇଥିବା ଜଣାପଡିଛି !ଗ୍ରାମ୍ୟ କମିଟି ଙ୍କ ହସ୍ତକ୍ଷେପ ପରେ ବି ଉଭୟ ପକ୍ଷ ଶାନ୍ତ ହୋଇ ନଥିଲେ !ସାଙ୍ଗେ ସାଙ୍ଗେ ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣ୍ଡଗୋଳ କୁ ଆୟତ୍ତ କରି ଉଭୟ ପକ୍ଷରୁ ଦଶ ଜଣ ଙ୍କୁ ଥାନା କୁ ଆଣିଥିଲେ !ଉଭୟ ଙ୍କ ପକ୍ଷରୁ ଥାନାରେ କୌଣସି ଏତଲା ନ ହେବାରୁ ପୋଲିସ ନିଜ ଆଡୁ ଏତଲା ଦାୟର କରି ଘଟଣା ର ସଠିକ ତଦନ୍ତ କରି ଉଭୟ ଗୋଷ୍ଟି ର ଦଶ ଜଣ ଙ୍କୁ ଥାନା କେଶ ନମ୍ବର ୧୯୫/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଆହତ ପଶୁଙ୍କ ପାଇଁ ଆଧୁନିକ ସୁବିଧା ସମ୍ପନ୍ନ ଶଯ୍ୟା ସ୍ଥାପନ ଜରୁରୀ

**ବ୍ରହ୍ମପୁର,୨୮।୫ :** ବ୍ରହ୍ମପୁର ପଶୁ ଚିକିତ୍ସାଳୟ କେବଳ ଗୋଟିଏ ସାଧାରଣ ଚିକିତ୍ସା କେନ୍ଦ୍ର ନୁହେଁ, ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର କେନ୍ଦ୍ର ବିନ୍ଦୁ। ବ୍ରହ୍ମପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପ୍ରତିଦିନ ଅନେକ ରୋଗାକ୍ରାନ୍ତ ଗାଈଗୋରୁ, ଛେଳି, କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି । ବିଶେଷକରି ସଡ଼କ ଦୁର୍ଘଟଣାରେ ଆହତ ଏବଂ ଆବାରଜ ପଶୁଙ୍କ ପାଇଁ ଏହି ଚିକିତ୍ସାଳୟ ହିଁ ଏକମାତ୍ର ଆଶାର କେନ୍ଦ୍ର ପାଲଟିଛି । କିନ୍ତୁ ଦୁଃଖର ବିଷୟ, ଦିନକୁ ଦିନ ପଶୁଚିକିତ୍ସା ସେବାର ଚାହିଦା ବଢୁଥିବା ସତ୍ତ୍ୱେ ବ୍ରହ୍ମପୁରରେ ଆଜି ପର୍ଯ୍ୟନ୍ତ ରୋଗାକ୍ରାନ୍ତ ଓ ଗୁରୁତର ଆହତ ପଶୁମାନଙ୍କ ପାଇଁ ଆଧୁନିକ ସୁବିଧା ସମ୍ପନ୍ନ ଏକ ସ୍ଥାୟୀ ଶଯ୍ୟା ବ୍ୟବସ୍ଥା ପଶୁ ଚିକିତ୍ସାଳୟ ନାହିଁ । ଫଳରେ ଅନେକ ପଶୁ ଆବଶ୍ୟକୀୟ ଚିକିତ୍ସା ଓ ପରିଚର୍ଯ୍ୟା ନ ପାଇ ଅକାଳରେ ପ୍ରାଣ ହରାଉଛନ୍ତି । ଅସ୍ତ୍ରୋପଚାର ପରେ ପଶୁମାନଙ୍କୁ ରଖିବା ପାଇଁ ସଠିକ୍ ବ୍ୟବସ୍ଥା



ନଥିବାରୁ ଡାକ୍ତରମାନେ ମଧ୍ୟ ବହୁ ସମୟରେ ସୀମିତ ସୁବିଧା ମଧ୍ୟରେ କାମ କରିବାକୁ ବାଧ୍ୟ ହେଉଛନ୍ତି । ସେଥିପାଇଁ ବ୍ରହ୍ମପୁରରେ ଅତିଶୀଘ୍ର ୫୦ ଶଯ୍ୟା ବିଶିଷ୍ଟ ଏକ ଆଧୁନିକ ପଶୁ ଚିକିତ୍ସାଳୟ ସ୍ଥାପନ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏହି ଚିକିତ୍ସାଳୟରେ ଆହତ ଓ ରୋଗାକ୍ରାନ୍ତ ପଶୁମାନଙ୍କ ପାଇଁ ଆପାତକାଳୀନ ଚିକିତ୍ସା ସହ ସ୍ଥାୟୀ ରହଣୀ ବ୍ୟବସ୍ଥା ରହିବା ଆବଶ୍ୟକ । ଏଥିସହ ଆବାରଜ ଓ ଦୁର୍ଘଟଣାଗ୍ରସ୍ତ ପଶୁମାନଙ୍କ ପାଇଁ ପୃଥକ ରିକଭରି ୱାର୍ଡର ବ୍ୟବସ୍ଥା କରାଗଲେ ଅନେକ ନିରୀହ ପଶୁଙ୍କ ଜୀବନ ରକ୍ଷା ପାଇପାରିବ । ଏହି ପ୍ରସ୍ତାବିତ ଚିକିତ୍ସାଳୟ କେବଳ ବ୍ରହ୍ମପୁର ସହର ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଓଡ଼ିଶା ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ପରିକାଷ୍ଠା ହୋଇପାରିବ । ହଜାର ହଜାର ଚାଷୀ ଓ ପଶୁପାଳକ ଏଥିରୁ ସିଧାସଳଖ ଉପକୃତ ହେବେ । ଗାଈଗୋରୁ ଓ ଅନ୍ୟାନ୍ୟ ପଶୁ ସୁସ୍ଥ ରହିଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ଼ ହେବ । ସେହିପରି ପଶୁପ୍ରେମୀମାନେ ମଧ୍ୟ ଉନ୍ନତ ଚିକିତ୍ସା ସେବା ଦୁର୍ଘଟଣା ଗ୍ରସ୍ତ ପଶୁମାନଙ୍କୁ ଯୋଗାଇ ପାରିବେ । ସରକାର 'ପଶୁକଲ୍ୟାଣ' ଓ 'ସ୍ମାର୍ଟ ସିଟି' ଭଳି ଯୋଜନାର କଥା କହୁଥିବା ବେଳେ ବ୍ରହ୍ମପୁର ଭଳି ବଡ଼ ସହରରେ ଏକ ଆଧୁନିକ ପଶୁ ଚିକିତ୍ସାଳୟର ଅଭାବ ନିଶ୍ଚୟ ଚିନ୍ତାଜନକ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେବଳ ପଶୁଙ୍କ ଜୀବନ ରକ୍ଷା ହେବ ନୁହେଁ, ମାନବିକତା ଓ ପଶୁକଲ୍ୟାଣ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂତନ ଦୃଷ୍ଟାନ୍ତ ମଧ୍ୟ ସୃଷ୍ଟି ହୋଇପାରିବ । ବ୍ରହ୍ମପୁରରେ ଆହତ ଓ ରୋଗାକ୍ରାନ୍ତ ପଶୁମାନଙ୍କ ଉନ୍ନତ ଚିକିତ୍ସା ସୁବିଧା ନିମନ୍ତେ ଶୀଘ୍ର ୫୦ ଶଯ୍ୟା ବିଶିଷ୍ଟ ଆଧୁନିକ ପଶୁ ଚିକିତ୍ସାଳୟ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥମଞ୍ଜୁରୀ କରାଯାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ରାଜ୍ୟ ସରକାର ଓ ପଶୁସମ୍ପଦ ବିକାଶ ବିଭାଗଙ୍କୁ ଦୃଢ଼ ଦାବି ଜଣାଇବା ସହ ସମୟୋଚିତ ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଦକ୍ଷିଣ ଓଡ଼ିଶାର ଅସଂଖ୍ୟ ଅସହାୟ ଓ ନିରୀହ ପଶୁ ଉପଯୁକ୍ତ ଚିକିତ୍ସା ସେବା ପାଇ ନୂତନ ଜୀବନ ପାଇପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି ।

# କାଳ ବୈଶାଖୀରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

**ଆଠମଲ୍ଲିକ,୨୮।୫ :** ଗତ କାଲି ସନ୍ଧ୍ୟାରେ କାଳ ବୈଶାଖୀ ତାଣ୍ଡବ ରଚି ଥିଲା,



ତାର ପ୍ରଭାବ ରେ ଆଠମଲ୍ଲିକ ବ୍ଲକ ବିଭିନ୍ନ ସ୍ଥାନ ରେ ଗଛ, ଘର ର ଏଜେବେଷ୍ଟ, ବିଦ୍ୟୁତ ଖୁଣ୍ଟ ଇତ୍ୟାଦି କ୍ଷେତ୍ରରେ ବ୍ୟପକ କ୍ଷୟ, କ୍ଷତି ଦେଖାଯାଇଥିଲା ଏବଂ ଏହି କାଳ ବୈଶାଖୀ ତାଣ୍ଡବ ରେ ଗଛ ମାଡି ବସି କନ୍ଧପଡା ପଞ୍ଚାୟତ ନାରାୟଣ ପୁର ଗ୍ରାମ ର ଶୋଭାଗିନୀ ପ୍ରଧାନ ମୃତ୍ୟୁବରଣ କରିଥିଲେ ମୃତକଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ସମବେଦନା ଜଣାଇଥିବା ଜଣା ପଡିଛି । ଆଠମଲ୍ଲିକ ଡାକ୍ତରଖାନା ରେ ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ତାପରେ ବିଧାୟକ କ୍ଷତିଗ୍ରସ୍ତ ହୋଇଥିବା ବେଲା ଦୁଲା ଗ୍ରାମ କୁ ପରିଦର୍ଶନ ରେ ଯାଇ କ୍ଷତିଗ୍ରସ୍ତ ପରିବାର ଙ୍କୁ ପାଲ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଯୁବ ସଂଗଠକ ମହେନ୍ଦ୍ର ସାହୁ, ଦିଲ୍ଲୀପ ପ୍ରଧାନ, ପ୍ରଦୀପ ଦାଶ, ନିରଞ୍ଜନ ରଣା ,ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ,ରାମଚନ୍ଦ୍ର ମହାକୁଡ଼ ଙ୍କ ସମେତ ବିଧାୟକ ଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ ।

## ହିନ୍ଦୁ ସମ୍ରାଟ ବୀର ସାବରକର ଜୟନ୍ତୀ ପାଳିତ

**ବ୍ରହ୍ମପୁର,୨୮।୫ :** ସ୍ଥାନୀୟ କମାପଲ୍ଲୀ ନିକଟସ୍ଥ PWD IB (ପୂର୍ତ୍ତ ବଙ୍ଗଳା ) ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଙ୍ଘ ତରଫରୁ ମହାନ ହିନ୍ଦୁ ସମ୍ରାଟ ବୀର ସାବରକର ଜୟନ୍ତୀ ପାଳିତ ହୋଇଯାଇଛି, ସାବରକର ଙ୍କ ମନ ସ୍କାମନ୍ନା ଥିଲା ଯେ ଭାରତ ବର୍ଷ ହିନ୍ଦୁ ରାଷ୍ଟ୍ର ହେଉ ତାହା ଆଜି ପୂରଣ ହେବାକୁ ଯାଉଛି ବୋଲି ଯୋଗ ଦେଇଥିବା ଅତିଥି ମାନେ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ, ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ର ସଭାପତି ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପ୍ରହଲ୍ଲାଦ ପାଣିଗ୍ରାହୀ, ଶରତ ପଟ୍ଟନାୟକ, ଶିବ ପ୍ରସାଦ ଦାଶ, ବିଷ୍ଣୁ ଚରଣ ପଣ୍ଡା, ଡ଼. ଅମୂଲ୍ୟ ଚୌଧୁରୀ, ସଞ୍ଜୟ ଦାଶ,କୃଷ୍ଣ ଚୌଧୁରୀ,ଉମା କାନ୍ତ ପାଣିଗ୍ରାହୀ, ଅଖିଳ କୁମାର ସାହୁ, ଜଗନ ମୋହନ ଆଚାରୀ, ଙ୍କ ସମେତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସର ଶୁଭାରମ୍ଭ

**ବଣାଇଁ,୨୮।୫ :** ଓରମାସ୍ ସୁନ୍ଦରଗଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ "୧୦କେ ଏଫପିଓ" କାର୍ଯ୍ୟକ୍ରମ ଅଧୀନରେ କୃଷକମାନଙ୍କ ଜୀବିକା ସୁଦୃଢ କରିବା ଏବଂ କୃଷିଜାତ ଉତ୍ପାଦର ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ରେ ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ "ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ" ରଥକୁ ସବୁଜ ପତାକା ଦେଖାଇବା ସହ ମଦର ଡେରୀ, ଦିଲ୍ଲୀକୁ ଆମ୍ବ ରପ୍ତାନୀର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସାର୍କିଟ ହାଉସ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଓରମାସ ଡେପୁଟି ସି ଇ ଓ କେଶବ ଝା ,ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଓ ବିଡିଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ୧୦କେ ଏଫପିଓ ପଦକ୍ଷେପ ଅନୁସାରେ ଲେଫ୍ରିପଡା, ବଣାଇଁ, ନୂଆଗାଁ, ସବଡେଗା ଓ ଲହୁଣୀପଡାର କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନେ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ,



ଲିଚୁ ଓ ତରଭୁଜ ସଂଗ୍ରହ କରି "ଗାଁ ଆମ୍ବ ପସରା" ଏବଂ ସୁନ୍ଦରଗଡ଼ସ୍ଥିତ ଓରମାସ୍ ଆଉଟଲେଟ୍ ମାଧ୍ୟମରେ ବିକ୍ରୟ କରୁଛନ୍ତି । ଏଫପିଓ କୃଷକମାନଙ୍କୁ ସିଧାସଳଖ ପ୍ରତିଷ୍ଠାନଗତ କ୍ରେତାଙ୍କ ସହ ଯୋଡ଼ାଯାଇ ପାରୁଛି ଏବଂ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯାଉଛି । ଫଳସ୍ୱରୂପ କୃଷକମାନେ ପ୍ରାକୃତିକ ଭାବେ ପାଚିଥିବା ଫଳ ପାଇଁ ଉଚିତ ମୂଲ୍ୟ ପାଇବାର ସୁଯୋଗ ଲାଭ କରିଛନ୍ତି ।

## ମୀନକେତନ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀରେ ସମାଜସେବୀ କ୍ଷିରୋଦ ସମ୍ବର୍ଦ୍ଧିତ

**ତାଳଚେର,୨୮।୫ :** ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ସମାଜସେବୀ କ୍ଷିରୋଦ ସାହୁ ହିନ୍ଦୋଳ ବ୍ଲକ ବାବନ୍ଧ ସ୍ଥିତ ମୀନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ବର୍ଦ୍ଧିତ ହୋଇଛନ୍ତି କ୍ଷ ଏହି ସମାରୋହରେ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ୍ୟ ଗଡ଼ନାୟକ, ଡ. ମୃଣାଳ ଚାଟାର୍ଜୀ, ଢେଙ୍କାନାଳ ଜିଲ୍ଲାର ଅବସର ପ୍ରାପ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଛବିରାଜ ବିଶ୍ୱାଳ, ପୁରାତନ ଛାତ୍ର ସଂସଦର ସଭାପତି ନିରଞ୍ଜନ ମାଝୀ, ସ୍ୱର୍ଗତ ମୀନକେତନ ମାଝୀଙ୍କ ନାତି ଆଦିତ୍ୟ ମାଝୀ, ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ରଣ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ମହାପ୍ରଭୁଙ୍କ ଫୋଟ ଚିତ୍ର ପ୍ରଦାନ କରି ଗାଁ ମାଟି ସମ୍ମାନରେ ସମ୍ମାନିତ କରି ଉଜ୍ଜ୍ୱଳ



ଭବିଷ୍ୟତ କାମନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ଅବସର ପ୍ରାପ୍ତ ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ପୁରାତନ ଛାତ୍ର ତଥା ମହିଧରପୁର ହାଇସ୍କୁଲ୍ ର ପ୍ରଧାନଶିକ୍ଷକ ଲକ୍ଷ୍ମଣ ବେହେରା, ଷ୍ଟେଟ୍ ବ୍ୟାଙ୍କର ଅବସର ପ୍ରାପ୍ତ ମୁଖ୍ୟ ପରିଚାଳକ ଲିଙ୍ଗରାଜ ସାହୁ, ବିଦ୍ୟାଳୟର ପୂରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



**ବଣାଇଁ,୨୮।୫ :** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଆଜି ଏକଦିବସୀୟ ଗସ୍ତ ରେ ସୁନ୍ଦରଗଡ ଆସି ଜିଲ୍ଲା ରେ ଚାଲିଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି । ରାଉରକେଲା ପାନପୋଷ ସ୍ଥିତ ପ୍ରଦକ୍ଷଣ ଗୃହଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶ୍ରୀ ନାଏକ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସଫଳ ରୂପାୟନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ବୈଠକ ରେ ସେ କହିଥିଲେ ଯେ ବିକଶିତ ଗାଁ, ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବା ସହ ପ୍ରତିଟି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ସୁବିଧା ପହଞ୍ଚାଇବା ଆମ ସରକାରଙ୍କ ପ୍ରାଥମିକତା। ଏହି ପରିପ୍ରେକ୍ଷୀରେ ସମସ୍ତ ଜନକଲ୍ୟାଣକାରୀ ପ୍ରକଳ୍ପ ଯେପରି ସଠିକ୍ ସମୟରେ ଶେଷ ହୋଇ ଜନସାଧାରଣଙ୍କ ସେବାରେ ଉପଯୋଗୀ ହୋଇପାରିବ, ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ରେ ଗ୍ରାମୀଣ ଜଳ ଯୋଗାଣ, ଗ୍ରାମୀଣ ଗୃହ ନିର୍ମାଣ,ସଡ଼କ ନିର୍ମାଣ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ କେତେଦୂର ଅଗ୍ରଗତି ହୋଇଛି ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେତେକ ସ୍ଥାନରେ ବିଦ୍ୟୁତ ସମସ୍ୟା ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବାବେଳେ କିପରି ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ହେବ ବିଷୟରେ ଆଲୋଚନା କରାଯାଇଥିବା । ମାନ୍ୟ ବର ମନ୍ତ୍ରୀ ଅସମ୍ପୂର୍ଣ୍ଣ କାର୍ଯ୍ୟ କୁ ଶୀଘ୍ର ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ରଘୁନାଥପାଲିର ମାନନୀୟ ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ , ସମେତ ସମସ୍ତ ବ୍ଲକ ର ବିଡିଓ , ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

## ଜୟପୁର ବିଶାଖାପାଟଣା ୨୬ନମ୍ବର ଜାତୀୟ ରାଜପଥ

# ଗାଡିମଟର ଯାତାୟତରେ ଟ୍ରାଫିକ ସମସ୍ୟା ସୃଷ୍ଟି



**ଲମତାପୁଟ,୨୮।୫ :** ଲମତାପୁଟ ମୁଖ୍ୟ ବଜାର ମଧ୍ୟଦେଇ ଜୟପୁର ବିଶାଖାପାଟଣା ୨୬ନମ୍ବର ଜାତୀୟ ରାଜପଥ ଯାଇଥିଲା ବେଳେ ପ୍ରତିଦିନ ଶହ ଶହ ଗାଡି ମଟର ଯାତାୟତ କରୁଛନ୍ତି ଏବଂ ଅନେକ ସମୟରେ ମାଳବାହୀ କଣ୍ଟେନର ଓ ବଡ଼ ବଡ଼ ଟ୍ରକ ଯାତାୟତ କରୁଛନ୍ତି । ପର୍ଯ୍ୟଟନ ଋତୁ ଆସିଲେ ଶହ ଶହ ପର୍ଯ୍ୟଟକ ଗାଡ଼ି ଭିଡ଼ ଲାଗୁଛି । ସାପ୍ତାହିକ ହାଟ ଶନିବାର ଦିନ କଥା ନକହିବା ଭଲ । ଏତେ ସବୁ ଗାଡିମଟର ଯାତାୟତରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି, ଟ୍ରାଫିକ ସମସ୍ୟା ସୃଷ୍ଟିରେ ପୋଲିସ ପ୍ରଶାସନକୁ ନାକେଦମ ହେବାକୁ ପଡୁଛି । ମୁଖ୍ୟ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ରାସ୍ତା ଉପରେ ଦୋକାନ ସାମଗ୍ରୀ ରଖି ବ୍ୟବସାୟ ନକରିବା ପାଇଁ ଲମତାପୁଟ ପୋଲିସ ଅନେକ ଥର ତାଗିତ କରୁଥିଲେ ମଧ୍ୟ ପୋଲିସର କଥାକୁ ଫୁ କରି ଉଡେଇ ରାସ୍ତା ଉପରେ ଦୋକାନ ସାମଗ୍ରୀ ରଖି ଉଭୟ ପକ୍ଷରେ ରାସ୍ତାକୁ ଜବର ଦଖଲ କରି ମାଡ଼ିବସୁଛନ୍ତି । ଯାହା ଦ୍ୱାରା କି ମୁଖ୍ୟରାସ୍ତା ଉପରେ ଦୁର୍ଘଟଣା ଘଟିବାର ସମ୍ଭାବନା ଦେଖାଦେଉଛି ଏବଂ ବିଗତ ଦିନରେ ବଜାରର ମୁଖ୍ୟ ରାସ୍ତା ଉପରେ ଦୁର୍ଘଟଣା ଘଟି ଜୀବନ ମଧ୍ୟ ଯାଇଛି କିନ୍ତୁ ଏଥିପ୍ରତି ରାଜସ୍ୱ ବିଭାଗର ଦୃଷ୍ଟି ପଡୁନାହିଁ । ଜିଲ୍ଲାର ବିଭିନ୍ନ ଛୋଟ ବଡ଼ ସହରର ମୁଖ୍ୟ ବଜାର ରାସ୍ତା ଉପରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ରାଜସ୍ୱ ବିଭାଗ ଓ ପୋଲିସ ପ୍ରଶାସନ ଅମାନିଆ ଦୋକାନୀ ମାନଙ୍କ ପ୍ରତି ଆଇନତ୍ୱ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା ବେଳେ ଲମତାପୁଟରେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ । ଲମତାପୁଟ ସଦର ମହାକୁମା ମୁଖ୍ୟ ବଜାର ରାସ୍ତା ଉପରେ ମାଡ଼ିବସି ଦୋକାନ ସାମଗ୍ରୀ ରଖି ବ୍ୟବସାୟ କରୁଥିବା ଦୋକାନୀଙ୍କ ପ୍ରତି ରାଜସ୍ୱ ବିଭାଗୀୟ ଅଧିକାରୀ ଓ ପୋଲିସ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରୁଛନ୍ତି ତାହା ଦେଖିବାକୁ ରହିଲା ।

# ଦୁଃଖର ଦିନରେ ସହାୟତାର ହାତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୪ ଲକ୍ଷ ଟଙ୍କା ବଣ୍ଟନ କଲେ ବିଧାୟକ

**ଚିକିଟୀ,୨୮।୫ :** ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅଞ୍ଚଳର ବିଭିନ୍ନ ବ୍ୟକ୍ତିଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ଚିକିଟୀର ଜନପ୍ରିୟ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା । ଆଜି ଚିକିଟୀ ତହସିଲଦାରଙ୍କ ସହ ନିଜେ ଘରେ ଘରେ ପହଞ୍ଚି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରତ୍ୟେକ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ମୋଟ ୨୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଏହି ସହାୟତା ପାଇଥିବା ପରିବାରମାନଙ୍କ ମଧ୍ୟରେ ପାଟି-ସୁନାପୁର ଅଞ୍ଚଳର ଦୁଇଟି ପରିବାର, ଚିକିଟୀଗଡ଼ର ଗୋଟିଏ ପରିବାର, ଡାଳପଲ୍ଲୀର ଗୋଟିଏ ପରିବାର, କେ.ନୂଆଗାଁର ଗୋଟିଏ ପରିବାର ଓ ଲିଆଖାଇର ଗୋଟିଏ ପରିବାର ସାମିଲ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ସାମନ୍ତରା ପୀଡ଼ିତ ପରିବାରଙ୍କୁ ସମବେଦନା ଜଣାଇ କହିଥିଲେ ଯେ, ଦୁଃଖର ସମୟରେ ସରକାର ସଦା ସର୍ବଦା ଲୋକଙ୍କ ସହ ରହିଛନ୍ତି ।



# ରେଣ୍ଡୋମାଝୀ ମେଡିକାଲ କଲେଜରେ ଲାଞ୍ଜିଗଡ ବିଧାୟକ

**କଳାହାଣ୍ଡି,୨୮।୫ :** ଶିଶୁର ସ୍ୱାସ୍ଥ୍ୟରେ ହିଁ ସମାଜର ଉନ୍ନତିର ଛବି ପ୍ରତିଫଳିତ ହୋଇଥାଏ । କଳାହାଣ୍ଡି ଏକ ଆଦିବାସୀ ବହୁଳ ଜିଲ୍ଲା । ଆଦିବାସୀମାନଙ୍କ ଜୀବନଧାରଣ ପଦ୍ଧତିରେ ଏବେ ବି ବିଶେଷ ପରିବର୍ତ୍ତନ ହୋଇନାହିଁ ଓ ଯାହା ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଅନୁମାନ କରିହେଉଛି । ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତିର ପରିବାରମାନେ ସର୍ବନିମ୍ନ ସେବା ପାଇବାରୁ ବଞ୍ଚିତ ହେବା ଦୁର୍ଭାଗ୍ୟଜନକ । ଏଭଳି ସ୍ଥିତିକୁ ଉପଲବ୍ଧି କରି ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ଦିଶାରୀ ଅଚାନକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପରିଦର୍ଶନରେ ଯାଇଥିଲେ । ମୂଳ କଥା ହେଲା ଡାକ୍ତରମାନେ ଓପିଡିକୁ ବିଳମ୍ବରେ ପହଞ୍ଚି ଚିକିତ୍ସା କରୁଥିବା ଯୋଗୁଁ ଉପଯୁକ୍ତ ସେବା ପାଇବାରୁ ବହୁ ସଂଖ୍ୟାରେ ରୋଗୀ ବଞ୍ଚିତ ହେବା ଘଟଣାରେ ଲାଞ୍ଜିଗଡ଼ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସିଡିଏମ୍ଓ ଏବଂ ଅନ୍ୟ ଡାକ୍ତରଙ୍କ ସହ



ଅତି ଗମ୍ଭୀରତାର ସହ ସେ ଆଲୋଚନା କରି ସେବା କ୍ଷେତ୍ରରେ ଆଭିମୂଖ୍ୟକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ବିଭାଗ ତୁଳନାରେ ପ୍ରସୂତି ବିଭାଗ ଅଧିକ ଯନ୍ତ୍ରଣାଦାୟକ ଓ ପ୍ରସୂତି ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସମୟରେ ଆବଶ୍ୟକୀୟ ଶଯ୍ୟା ନାହିଁ । ଯାହା ଦ୍ୱାରା ପ୍ରସବ ଯନ୍ତ୍ରଣା ଭିତରେ ବାରଣ୍ଡାରେ ଛଟପଟ ହୋଇ ରହିବାକୁ ପଡୁଛି । କେବଳ ସେତିକି ନୁହେଁ ଅସ୍ତ୍ରୋପଚାର ପରେ ପ୍ରସୂତି ମହିଳା ମଧ୍ୟ ଶଯ୍ୟା ଅଭାବରୁ ତଳେ ଶୋଇବା ଛଡା ଅନ୍ୟଗତି ନାହିଁ । ଗତ ତିନି ଦିନ ପୂର୍ବେ ଜଣେ ଗର୍ଭବତୀ ମହିଳାଙ୍କ ଦୁଃଖ ମର୍ମାହତ କରିଛି ଓ ମହିଳା ଜଣକ ଡାକ୍ତରଖାନାର ପ୍ରସୂତି ବିଭାଗରେ ପହଞ୍ଚିବା ପରେ ଡାକ୍ତର କୁଆଡେ କହିଲେ ତମେ ଗୋଟିଏ ବେଡ ରେଡି କର । ଜଣେ ମହିଳା ବେଡ କିଭଳି ପାଇବେ ? ଶେଷରେ ପରିସ୍ଥିତି ଏପରି ହେଲା ଯେ ମହିଳା ଜଣଙ୍କୁ ବୁର୍ଲା ରେଫର୍ କରିଦେଲେ । ବୁର୍ଲାରେ ଶିଶୁ ଟିଏ ଜନ୍ମ ହେଲା । କିନ୍ତୁ ଶିଶୁର ସ୍ୱାସ୍ଥ୍ୟ ଭଲ ନଥିଲା ଓ ନିଃଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟା ଠିକ୍ ହେଉନଥିଲା । ବାଧ୍ୟହୋଇ କଟକ ଏସିବି କୁ ନେବାକୁ ପଡ଼ିଲା ଓ ତେବେ ଭାଗ୍ୟର ବିଡମ୍ବନା ଏମିତି ଯେ ଶେଷରେ ଶିଶୁର ମୃତ୍ୟୁ ଘଟିଲା ବୋଲି ବିଧାୟକ ଦୀଶାରି ସମସ୍ତଙ୍କୁ ଜଣାଇଥିଲେ ଓ ରେଣ୍ଡୋ ମାଝି ମେଡିକାଲ କଲେଜ୍ ? ହେବା ସତ୍ତ୍ୱେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ । ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ତୁରନ୍ତ ତାହାର ବିକଳ୍ପ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଡାକ୍ତରଖାନା ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଥିଲେ । ବିଧାୟକ ପ୍ରଦୀପ ଦୀଶାରୀଙ୍କ ସମେତ ବହୁ ବରିଷ୍ଠ ବିଜେଡ଼ି ନେତା ଓ ମହିଳା ଯୁବ ଛାତ୍ର ନେତାମାନେ ଡାକ୍ତରଖାନା ପରିଦର୍ଶନରେ ସାମିଲ ଥିଲେ ।

# ଓଏଏସ୍ ପରୀକ୍ଷାରେ ବାଜି ମାରିଲେ ପ୍ରଜ୍ଞା ପରମିତା ଓ ସନ୍ଦୀପ

**ବଣାଇଁ,୨୮।୫ :** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ବଣାଇଁ ସହରର ପ୍ରଜ୍ଞା ପରମିତା ନାଏକ ଓ ଲହୁଣିପଡ଼ା ବ୍ଲକ ଶରଧାପୁରର ସନ୍ଦୀପ କୁମାର ମାହାନ୍ତ ବାଜିମାତ କରିଛନ୍ତି । ପ୍ରଜ୍ଞା ପରମିତା ୨୯ ର୍ୟାଙ୍କ ଏବଂ ସନ୍ଦୀପ ୮୭ ର୍ୟାଙ୍କେ ରହିଛନ୍ତି । ବଣାଇଁ ସହରରେ ରହୁଥିବା ସଚ୍ଚିଦାନନ୍ଦ



ନାଏକଙ୍କ ଝିଅ ପ୍ରଜ୍ଞା ପରମିତା ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ପରିବାରରେ ଖେଳି ଯାଇଛି ଖୁସିର ଲହରି । ଏହି ସଫଳତାର ଶ୍ରେୟ ପ୍ରଜ୍ଞା ପରିବାର ଲୋକଙ୍କୁ ଦେଇଥିବା ବେଳେ କଠିନ ପରିଶ୍ରମର ଫଳ ମିଳିଛି ବୋଲି କହିଛନ୍ତି । ଲହୁଣିପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତର ଶରଧାପୁର ଗ୍ରାମର ବାସିନ୍ଦା ଦୈତାରୀ ମାହାନ୍ତଙ୍କ ପୁଅ ସନ୍ଦୀପ ଓଏଏସ୍ପ ରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ପରିବାରକୁ ଛୁଟୁଛି ଶୁଭେଚ୍ଛା । ସନ୍ଦୀପ ବଣାଇଁ ଆରଡିଡି ହାଇସ୍କୁଲରେ ମାଟ୍ରିକ ପାସ୍କ ରିଥିଲେ । ପରେ ସେ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପାସ୍ କରିବା ପରେ ଆଇଟିଇଆରରୁ ବି-ଟେକ୍ ଡିଗ୍ରୀ ହାସଲ କରିଛନ୍ତି । ଶୈଶବରୁ ମେଧାବୀ ଓ ପରିଶ୍ରମୀ ଥିବା ସନ୍ଦୀପ ନିଜ ଅଧ୍ୟବସାୟ ବଳରେ ଏହି ସଫଳତା ପାଇଥିବା କୁହାଯାଉଛି । ତାଙ୍କ ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବାବେଳେ ମାଆ ଥିଲେ ଷ୍ଟାଫ୍ ନର୍ସ । କିଛି ବର୍ଷ ପୂର୍ବେ ତାଙ୍କ ମାଆଙ୍କ ଦେହାନ୍ତ ଘଟିଥିଲା । ଏଭଳି ପରିସ୍ଥିତି ମଧ୍ୟରେ ଭାଙ୍ଗି ନ ପଡ଼ି ସେ ନିଜର ଲକ୍ଷ୍ୟ ପୂରଣ ପାଇଁ ପ୍ରୟାସ ଜାରି ରଖିଥିଲେ ଓ ସେଥିରେ ସଫଳତା ମଧ୍ୟ ପାଇଲେ ।

ବଢୁଛି ଚିନ୍ତା

# ଅଧାରୁ ପାଠ ଛାଡୁଛନ୍ତି ପିଲା

**କଳାହାଣ୍ଡି,୨୮।୫ :** କଳାହାଣ୍ଡି ଜିଲ୍ଲାର ହାଇସ୍କୁଲ ସ୍ତରରେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡିବା ଏବେ ସରକାରଙ୍କ ପାଇଁ ବଡ ଆହ୍ୱାନ ହୋଇଛି । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ହାର ଅଧିକ ରହୁଥିବାବେଳେ ଜିଲ୍ଲାର ହାଇସ୍କୁଲ ସ୍ତରରେ ହାରାହାରି ୧୫ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବା ଜଣାଯାଇଛି । ୨୦୨୪- ୨୫ ବର୍ଷରେ ଅଧାରୁ ପାଠ ଛାଡୁ ଥିବା ପିଲାଙ୍କ ସଂକ୍ରାନ୍ତରେ ହୋଇଥିବା ଅନୁଧ୍ୟାନରୁ ଜଣାଯାଇଛି ଯେ ହାଇସ୍କୁଲ ସ୍ତରରେ ୧୭ପ୍ରତିଶତରୁ ଅଧିକ ପୁଅପିଲା ପାଠ ଛାଡୁଥିବାବେଳେ ଝିଅଙ୍କ ହାର ୧୨ ପ୍ରତିଶତରୁ ଅଧିକ ରହିଛି । ଜିଲ୍ଲାର ଲାଞ୍ଜିଗଡ ବ୍ଲକରେ ହାରାହାରି ୩୦ ପ୍ରତିଶତ ଛାତ୍ର ଅଧାରୁ ପାଠ ଛାଡୁଥିବା ବେଳେ ଛାତ୍ରୀଙ୍କ ହାର ୨୯ ପ୍ରତିଶତ ରହିଛି। ଥୁଆମୂଳ ରାମପୁର ବ୍ଲକରେ ହାରାହାରି ୨୩.୮ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବା ବେଳେ, ମଦନପୁର



ରାମପୁର,ଗୋଲାମୁଣ୍ଡା, କୋକସରା, ଧର୍ମଗଡ ଆଦି ବ୍ଲକ ସମେତ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରୁ ଏହା ୨୦ ପ୍ରତିଶତ ଉପରେ ରହିଛି । ତେବେ ପ୍ରାଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଏକ ପ୍ରତିଶତ ତଳେ ରହିଥିବା ବେଳେ ଉଚ୍ଚ ପ୍ରାଥମି ସ୍ତରରେ ଏହା ୩ ପ୍ରତିଶତରୁ ସାମାନ୍ୟ ଅଧିକ ରହିଛି । ଏଠାରେ ମଧ୍ୟ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଅଧିକ ପରିଲକ୍ଷିତ ହେଉଛି । କଳାହାଣ୍ଡି ଜିଲ୍ଲାରୁ ପୂର୍ବରୁ ପାଠପଢା ଛାଡି ଦେଉଛନ୍ତି । ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବହୁ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରିନଥିବା ଦେଖ ?ିବାକୁ ମିଳିଛି । ଯଦି ଓ ଏମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ ସରକାର ଉଦ୍ୟମ କରୁଛନ୍ତି, କିନ୍ତୁ ରାଜ୍ୟ ବାହାରକୁ ଚାଲି ଯାଉଥିବା ପିଲାଙ୍କୁ ଫେରାଇ ଆଣିବା ଏତେଟା ସହଜ ହେଉନାହିଁ । ରାଜ୍ୟର ସମସ୍ତ ପିଲା ଯେଭଳି ବିଦ୍ୟାଳୟକୁ ଆସି ପାଠ ପଢିବେ ସେଥି ପାଇଁ ବିଦ୍ୟାଳୟ ପ୍ରବେଶ ଉତ୍ସବ ଆୟୋଜନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ପୁସ୍ତକ, ପୋଷାକ, ମଧ୍ୟାହ୍ନଭୋଜନ, ସାଇକେଲ ଆଦି ଯୋଗାଇ ଦେଉଛନ୍ତି । ଇତି ମଧ୍ୟରେ ହାଇସ୍କୁଲ ସ୍ତରରେ ବିଶେଷକରି ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଭୋଜନ ଯୋଜନାରେ ସାମିଲ କରାଯାଇଛି। ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀମାନେ ନିୟମିତ ଭାବେ ଛାତ୍ରବୃତ୍ତି ପାଉଛନ୍ତି ।

### ରୋଜଗାର ପାଇଁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି

ଅଧିକ ସଂଖ୍ୟାରେ ଲୋକେ ରୋଜଗାର ପାଇଁ ଦାଦନ ଯାଉଥିବାରୁ ସାଙ୍ଗରେ ନିଜ ନିଜ ପିଲାଙ୍କୁ ନେଇ ଯାଉଛନ୍ତି । ଏହା ଫଳରେ ଅନେକ ଛୋଟ ଛୋଟ ପିଲାଙ୍କ ପାଠପଢାରେ ଏଠାରେ ଡୋରି ବନ୍ଧା ହେଉଛି । ସେହିଭଳି କାମଧନ୍ଦା ଯୋଗାଉଥିବା ଠିକାଦାରମାନେ ମଧ୍ୟ ହାଇସ୍କୁଲ ସ୍ତରର ଛାତ୍ର ମାନଙ୍କୁ ନିଜ ଜାଲରେ ପକାଉଥିବାରୁ ବହୁ ପିଲା ରୋଜଗାର ଆଶାରେ ମାଟ୍ରିକ ପରୀକ୍ଷା

---

ମୌସୁମୀ ବର୍ଷା ଓ ଏଲ୍ ନିନୋ ଆଶଙ୍କା

# ମୁକାବିଲା ପାଇଁ ଖରିଫ୍ ରଣନୀତି ପ୍ରସ୍ତୁତ

**ବଲାଙ୍ଗୀର,୨୮।୫ :** ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ କରାଯାଇଥିବା ଆକଳନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଆସନ୍ତା ଖରିଫ୍ ୨୦୨୬ ଋତୁ ପାଇଁ ବ୍ୟାପକ ଭାବେ କୃଷି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ରଣନୀତି ଉପରେ ଆଲୋଚନା କରାଯାଇଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନଗୁଡ଼ିକୁ ସମ୍ବୋଧିତ କରି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆସନ୍ତା ଋତୁରେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା



ପାଇଁ ସମସ୍ତ ବିଭାଗ, ଜିଲ୍ଲା କର୍ତ୍ତୃପକ୍ଷ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ନିଜ ନିଜ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନଗୁଡ଼ିକୁ ଦିଆଯାଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀ: ଅଗ୍ରୀମ ବିହନ ମହଜୁଦ: ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜୁନ୍ ୨୦୨୬ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବଣ୍ଟନ ସୁନିଶ୍ଚିତ କରିବେ, ଯେଉଁଥିରେ ଦୁର୍ଗମ ଏବଂ ସଂକଟାପନ୍ନ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ। ସ୍ୱଳ୍ପ ଅବଧି ବିଶିଷ୍ଟ କିସମ ଉପରେ ଗୁରୁତ୍ୱ: କମ୍ ବର୍ଷା ଆଶଙ୍କା ଥିବା ଅଞ୍ଚଳରେ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ସୁନିଶ୍ଚିତ କରିବା ସହ ସ୍ୱଳ୍ପ ଓ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଏବଂ ମାଣ୍ଡିଆ/କ୍ଷୁଦ୍ର ଶସ୍ୟ (ମିଲେଟ୍) ବିହନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବେ। ଫସଲ ବିବିଧକରଣ ଓ ଆପାତକାଳୀନ ବ୍ୟବସ୍ଥା: ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଞ୍ଚଳରେ ଫସଲ ବିବିଧକରଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବାକୁ ଜିଲ୍ଲା କୃଷି ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆସିବାରେ ବିଳମ୍ବ ହେଲେ 'କମ୍ୟୁନିଟି ନର୍ସରୀ' ବ୍ୟବସ୍ଥା ଗ୍ରହଣ କରାଯିବ। ବଫର୍ ଷ୍ଟକ୍ (ଜରୁରୀକାଳୀନ ମହଜୁଦ): ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଧାନ, ଡାଲି ଏବଂ ତୈଳବୀଜ ବିହନ ସଂରକ୍ଷିତ ରଖାଯିବ।

---

# ଅଘୋଷିତ ବିଦ୍ୟୁତକାଟ୍ ଯୋଗୁଁ ଛଟପଟ ପଢ଼ାବାସୀ



**ବରଗଡ,୨୮।୫ :** ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ କାଟ । ୩ ଦିନ ହେଲା ବିଦ୍ୟୁତ କାଟ୍ ପାଇଁ ଛଟପଟ ହେଉଛନ୍ତି ବରଗଡ଼ ୱାର୍ଡ ନମ୍ବର ୧୨ର ବାସିନ୍ଦା । ବରଗଡ଼ରେ ଝଡ଼ ତୋଫାନ ପରେ ପଡାରେ ବିଦ୍ୟୁତ କାଟ ହୋଇଥିଲା । ବଡ଼ ବଡ଼ ଗଛ ପଡ଼ିଯାଇ ତାର ଛିଣ୍ଡି ଯାଇଥିବା ବେଳେ ଗତ ୩ ଦିନ ହେଲା ପଡାରେ ଲାଇନ ନାହିଁ । ପାଣି ସମସ୍ୟା ସହ ପ୍ରବଳ ଗରମରେ ଲୋକଙ୍କ ତ୍ରାହି ଛୁଟିଯାଉଥିବା ବେଳେ ବିଦ୍ୟୁତ ବିଭାଗକୁ ଯେତେ ଜଣାଇଲେ ମଧ୍ୟ ଫଳ ଶୂନ । ପ୍ରବଳ ଗରମରେ ଖରାରେ ପଡାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପିଇବା ପାଣିର ସମସ୍ୟା ରହିଛି । ପାଖରେ ଜିରା ନଦୀ ଥିଲେ ମଧ୍ୟ ପଡାବାସୀ ନଦୀକୁ ଯିବା ପାଇଁ ଭୟ କରୁଛନ୍ତି । । ନର୍ଦ୍ଦମା ନଦୀ ପାଣି ଏବେ ବିଷାକ୍ତ ହୋଇଯାଇଛି । । ଯେଉଁ ଜିରାନଦୀ ଦିନେ ଲୋକଙ୍କ ଲାଇଫଲାଇନ ଥିଲା ବର୍ତ୍ତମାନ ତାହା ବିଷ ସାଜିଛି । ତେବେ ଏତେ ପ୍ରବଳ ଗରମରେ ବିଦ୍ୟୁତ ବିଭାଗର ଏପରି କାର୍ଯ୍ୟକୁ ପଡାବାସୀ ବିରୋଧ କରିଛନ୍ତି ।

---

ସ୍ୱାମୀ କାଠମିସ୍ତ୍ରୀ

# ଓଏଏସ ପାଇଲେ ପତ୍ନୀ

**କଳାହାଣ୍ଡି,୨୮।୫ :** ଦୃଢ଼ ଇଚ୍ଛା ଶକ୍ତି ଓ ମନୋବଳ ଥିଲେ ସବୁ ସମ୍ଭବ। ଏହା କରି ଦେଖାଇଛନ୍ତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଦୁଇ ପିଲାର ମାଆ ସଙ୍ଗୀତା ସେଠୀ। ଦିନେ ସ୍ୱପ୍ନ ଦେଖିଥିଲେ ପାଠ ପଢ଼ିବା ସହ ଏକ ସରକାରୀ ଚାକିରୀ ଟିଏ କରିବା ପାଇଁ। କିନ୍ତୁ ଯୁକ୍ତ ଦୁଇ ପରେ ସଂଯୋଗ କ୍ରମେ ତାଙ୍କର ବିବାହ ହୋଇଯାଇଥିଲା ଏବଂ ଦେଖୁ ଦେଖୁ ଦୁଇ ପିଲାର ମାଆ ମଧ୍ୟ ହୋଇଗଲେ। କିନ୍ତୁ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ହାର ମାନି ନ ଥିଲେ। ସଂଗୀତା ନିଜ ପ୍ରଚେଷ୍ଟାରେ ପ୍ରଥମେ ଯୁକ୍ତତିନି ଓ ପରେ ଅର୍ଥନୀତିରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପିଜି କରିଥିଲେ। ତାଙ୍କ ସ୍ୱାମୀ ବଂଶୀଧର ପ୍ରଧାନ ଜଣେ କାଠ ମହାରଣା। ସ୍ୱାମୀ କେବେ ବି ସଙ୍ଗିତାଙ୍କୁ ହତୋତ୍ସାହିତ କରି



ନଥିଲେ, ଓଲଟା ପଢ଼ିବା ସୁଯୋଗ ଦେଇଥିଲେ। ତାଙ୍କୁ ପ୍ରୋତ୍ସାହନ ଦେବା ସହ ପାଠପଢ଼ା ବେଳେ ଉତ୍ସାହିତ କରି ଆସିଥିଲେ। ଆଜି ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ପ୍ରଚେଷ୍ଟା ଓ ଅକ୍ଲାନ୍ତ ପରିଶ୍ରମ ବଳରେ ସଙ୍ଗୀତା ସଫଳତା ପାଇଛନ୍ତି। ପରିସ୍ଥିତି ଇଚ୍ଛାଶକ୍ତି ପାଖରେ ହାର ମାନିଥାଏ। ଏହାକୁ ପ୍ରମାଣିତ କରିଛନ୍ତି କେସିଙ୍ଗାରଏହି ଗୃହିଣୀ ସଙ୍ଗୀତା ସେଠୀ। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୧୧୩ ନମ୍ବରରେ ରହି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। ଏହି କୃତିତ୍ୱ ପାଇଁ ସଙ୍ଗୀତା ତାଙ୍କ ସ୍ୱାମ ତାଙ୍କ ବାପା ମା' ଓ ତା ଗାଇଡ୍ କରୁଥିବା ମେଣ୍ଟରଙ୍କୁ ଶ୍ରେୟ ଦେଇଛନ୍ତି। ଏକ ଗରିବ ପରିବାରର ହେଲେ ବି ସେ ଜଣେ ବଡ ଲୋକ ହେବା ଲକ୍ଷ୍ୟ ରଖି ଏହି ପରିଶ୍ରମ କରିଥିବା କହିଛନ୍ତି। ବୈବାହିକ ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସଫଳତା ପାଇବା ଏତେ ସହଜ ହୋଇ ନ ଥାଏ। ଏଣୁ ସଙ୍ଗୀତା ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । କାଠ ମିସ୍ତ୍ରୀଙ୍କ ପତ୍ନୀ ଆଜି ଓଏଏସ୍ ଜାଣିବା ପରେ ସାରା ଜିଲ୍ଲାର କୋଣ ଅନୁକୋଣରୁ ସଙ୍ଗୀତା ସେଠୀ ଙ୍କୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି ।

---

ଚୋରା ଖଇର କାଠ ଚାଲାଣ ବେଳେ ଦୁର୍ଘଟଣା

# ପିକ୍‌ଅପ ଜବତ, ଡ୍ରାଇଭର ଫେରାର

**ଖପ୍ରାଖୋଲ,୨୮।୫ :** ବଲାଙ୍ଗୀର ଜିଲ୍ଲା ହରିଶଙ୍କର ରେଞ୍ଜ ଅନ୍ତର୍ଗତ ଖପ୍ରାଖୋଲରୁ କପସିପାଲି ମଧ୍ୟବର୍ତ୍ତୀ ରାସ୍ତାରେ ଏକ ବୋଲେରୋ ପିକଅପ ଗାଡ଼ି ଦୁର୍ଘଟଣାଗ୍ରସ୍ତ ଅବସ୍ଥାରେ ପଡ଼ିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗାଡ଼ିର ଟ୍ରଲି ଭିତରେ ବହୁ ପରିମାଣର ମୂଲ୍ୟବାନ ଖଇର କାଠ ଲଦା ଥିବା ବେଳେ, ଚୋରା ଚାଲାଣ ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ହରିଶଙ୍କର ରେଞ୍ଜର ତଥା ଏସିଏଫ ଅରବିନ୍ଦ ନାଏକ, ଖପ୍ରାଖୋଲ ବନପାଳ ସୁଧୀର ଜେନା ସହ ବନବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରିଥିଲେ। ତେବେ ଘଟଣାସ୍ଥଳରେ କେହି ଉପସ୍ଥିତ ନଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜବତ ହୋଇଥିବା ଖଇର କାଠର ଓଜନ ଆନୁମାନିକ ୧୦ କ୍ୱିଣ୍ଟାଲ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏନେଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ସହ ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ଖୋଜାଖୋଜି ଜାରି ରହିଥିବା ଖପ୍ରାଖୋଲ ବନପାଳ ସୁଧୀର ଜେନା ସୂଚନା ଦେଇଛନ୍ତି।





---

# ପରିବାର ପୋଷଣ ପାଇଁ ଦାଦନ ଯାଇ ଶବହୋଇ ଫେରିଲେ ବୈଷ୍ଣବ

**କଳାହାଣ୍ଡି,୨୮।୫ :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଲଗୁଡା ଗ୍ରାମରେ ଦୁଃଖ ଓ କୋହର ପରିବେଶ ଖେଳିଯାଇଛି । ଗ୍ରାମଟ ଯୁବକ ବୈଷ୍ଣବ ରଣା ବାହାର ରାଜ୍ୟ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଦାଦନ ଖଟିବା ପାଇଁ ଯାଇଥିବା ବେଳେ ଅକାଳରେ ମୃତ୍ୟୁବରଣ କରି ଶବ ହୋଇ ନିଜ ଗାଁକୁ ଫେରି ଛନ୍ତି । ବୁଧବାର ତାଙ୍କ ମୃତଦେହ ଘରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପରିବାର ଲୋକଙ୍କ ଆକୁଳ ବିଳାପ, ପତ୍ନୀଙ୍କ ଛାତିଫଟା କାନ୍ଦଣା ଓ ଛୋଟ ପୁଅର ନିରବ ଦେଖି ଗ୍ରାମବାସୀଙ୍କ ଆଖିରୁ ମଧ୍ୟ ଆଞ୍ଜୁଳି ହୋଇଯାଇଥିଲା । ପ୍ରକାଶ ଥାଉକି, ସ୍ୱର୍ଗତ ବୈଷ୍ଣବ ରଣା ଜଣେ ଅତ୍ୟନ୍ତ ଗରିବ ଶ୍ରମିକ ପରିବାର ର ଯୁବକ ଥିଲେ । ଗାଁରେ କାମ ଧନ୍ଦାର ଅଭାବ ଓ ପରିବାରର ଦୁର୍ଦ୍ଦଶା ତାଙ୍କୁ ଦାଦନ ଖଟିବା ପାଇଁ ବାଧ୍ୟ କରିଥିଲା। ଘରେ ବୃଦ୍ଧ ବାପା ଅଲଙ୍ଗ ରଣା,ପତ୍ନୀ ଯଶୋଦା ରଣା ଓ ଗୋଟିଏ ଛୋଟ ପୁଅଙ୍କ ଭବିଷ୍ୟତକୁ ଭାବି ସେ ଅନେକ ସ୍ୱପ୍ନ ନେଇ ବାହାର ରାଜ୍ୟକୁ ଯାଇଥିଲେ । ଭାବିଥିଲେ କିଛି ଟଙ୍କା ରୋଜଗାର କରି ଭଙ୍ଗା ଘରକୁ ମରାମତି କରିବେ, ପୁଅକୁ ଭଲ ପଢ଼ାଇବେ ଓ ପରିବାରର ଦୁଃଖ ଦୂର କରିବେ । ହେଲେ ନିୟତିର ନିଷ୍ଠୁର ଖେଳରେ ସେହି ସମସ୍ତ ସ୍କ୍ରିପ୍ଟ ଅଧାରେ ଭାଙ୍ଗିଗଲା । ଜୀବନ୍ତ ଫେରିବା ପରିବର୍ତ୍ତେ ସେ ଶବ ହୋଇ ଘରକୁ ଫେରିଲେ। ସୂଚନା ଅନୁସାରେ, ବୈଷ୍ଣବ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ । ସୋମବାର ଦିନ କୌଣସି କାରଣରୁ ତାଙ୍କର ଅକସ୍ମାତ ମୃତ୍ୟୁ ଘଟିଥିଲା । ଘଟଣା ପରେ ସ୍ଥାନୀୟ ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ସମସ୍ତ ପ୍ରକ୍ରିୟା ସରିବା ପରେ ବୁଧବାର ମୃତଦେହ ଚିଲଗୁଡା ଗ୍ରାମକୁ ଅଣାଯାଇଥିଲା । ଶବ ଗ୍ରାମରେ ପହଞ୍ଚିବା ମାତ୍ରେ ସମଗ୍ର ଅଞ୍ଚଳ ଗମ୍ଭୀର ହୋଇଯାଇଥିଲା । ପତ୍ନୀ ଯଶୋଦା ରଣା ସ୍ୱାମୀଙ୍କ ମୃତଦେହ ଦେଖି ବାରମ୍ବାର ଅଚେତ ହୋଇପଡ଼ିଥ ?ିବା ବେଳେ ବୃଦ୍ଧ ବାପା ଅଲଙ୍ଗ ରଣା ପୁଅର ଶବ ପାଖରେ ବସି କାନ୍ଦୁଥିବା ଦୃଶ୍ୟ ସମସ୍ତଙ୍କ ହୃଦୟକୁ ଦୋହଲାଇ ଦେଇଥିଲା । ଯେଉଁ ପୁଅ ପରିବାରର ଏକମାତ୍ର ଭରସା ଓ ଆଶା ଥିଲା ଆଜି ସେହି ପୁଅର ମୃତ୍ୟୁ ପରେ ସମଗ୍ର ପରିବାର ବେସାହାରା ହୋଇପଡ଼ିଛି । ଗାଁରେ ରୋଜଗାରର ସୁବିଧା ନ ଥିବାରୁ ପ୍ରତିବର୍ଷ ଅନେକ ଯୁବକ ପରିବାର ଛାଡ଼ି ବାହାର ରାଜ୍ୟକୁ କାମ ପାଇଁ ପଳାୟନ କରୁଛନ୍ତି । କେହି ଫେରି ଆସୁଥିବା ବେଳେ ଆଉ କେତେକ ଲୋକ ବୈଷ୍ଣବଙ୍କ ଭଳି ଅକାଳରେ ପ୍ରାଣ ହାରି ଶବ ହୋଇ ଫେରୁଛନ୍ତି । ଏହି ଘଟଣା ପୁଣିଥରେ ଦାଦନ ଶ୍ରମିକଙ୍କ ଦୁଃଖଦ ଜୀବନକୁ ସାମ୍ନାକୁ ଆଣିଛି ।



---

# ବିଭିନ୍ନ କାର୍ଯ୍ୟ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର,୨୮।୫ :** କନକବର୍ଦ୍ଧନ ସିଂହଦେଓ ବଲାଙ୍ଗିର ଜିଲ୍ଲା ଗସ୍ତକରି କୃଷି, ଗ୍ରାମ୍ୟ ବିକାଶ ଓ ଚାଷୀ ସଶକ୍ତିକରଣ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ଜିଲ୍ଲାର କୃଷି ଉତ୍ପାଦନ, ସେଚନ ବ୍ୟବସ୍ଥା ଓ ଚାଷୀମାନଙ୍କ ପାଇଁ ଚାଲୁଥିବା ସରକାରୀ ଯୋଜନା ବିଷୟରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଗସ୍ତ ସମୟରେ ସେ ଦେଓଗାଁ ଚିନିକଳ ପରିଦର୍ଶନ କରି ଏହାର ପୁନଃରୁଦ୍ଧାର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ । ସେ କହିଥିଲେ ଯେ, ଏହି ଚିନିକଳ ପୁନଃ ଚାଲୁ ହେଲେ ବଲାଙ୍ଗିରର ଚାଷୀମାନେ ବିଶେଷକରି ଆଖୁ ଚାଷୀମାନେ ଅଧିକ ଲାଭାନ୍ୱିତ ହେବେ । ଏହା ଫଳରେ ଚାଷୀଙ୍କ ଆୟ ବୃଦ୍ଧି ପାଇବା ସହ ଜିଲ୍ଲାର ଅର୍ଥନୀତିରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ । ଶ୍ରୀ ସିଂହଦେଓ କହିଥିଲେ ଯେ, ଚିନିକଳର ପୁନଃରୁଦ୍ଧାର ହେଲେ ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଗ୍ରାମ୍ୟ ଅର୍ଥନୀତି ଆହୁରି ସୁଦୃଢ଼ ହେବ । ସରକାର ଏହାର ଶୀଘ୍ର ପୁନଃରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଗସ୍ତ ସମୟରେ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

---

# ଜୟପାଟଣାରେ ଇଦ-ଉଲ ଜୁହା ପର୍ବ ପାଳିତ

**ଜୟପାଟଣା,୨୮।୫ :** ଜୟପାଟଣା ସୁନ୍ନି ମୁସଲମାନ ଜୁମ୍ମା ମସଜିଦ ଠାରେ ପବିତ୍ର ବଳିଦାନର ଦିବସ ଇଦ-ଉଲ-ଜୋହା, (ବକ୍ରାଇଦ) ପର୍ବ ସମାରୋହର ସହ ପାଳିତ ହୋଇଯାଇଛି । ଅଂଚଳର ସମସ୍ତ ମୁସଲମାନ ଧର୍ମୀ ଭାଇମାନଙ୍କ ଉପସ୍ଥିତିରେ ସ୍ଥାନୀୟ ଜୁମ୍ମା ମସଜିଦ ଠାରେ ଜୁମ୍ମା ମସଜିଦର ପେସଇମାମ (ଧର୍ମ ଗୁରୁ)ମହମ୍ମଦ ସବୀର ଆଲମଙ୍କ ଦ୍ୱାରା ନମାଜ ପାଠ ହୋଇଥିଲା । ଲୋଭ, ମାୟା, କ୍ରୋଧ, ଅହଂକାରକୁ ଜଳାଞ୍ଜଳି ଦେଇ ଆଲ୍ଲାହାଙ୍କ ନିକଟରେ ଚରଣାଶ୍ରିତ ହେବା ଏହି ବକ୍ରାଇଦ ପର୍ବର ମୂଳ ଉଦ୍ଦେଶ୍ୟ । ମହାପୁରୁଷ ଇବ୍ରାହିମ ଅଲେହି ୱସଲମ ପଦାଙ୍କ ଅନୁଶରଣ କରି ଏହିଦିନ କୁରବାନୀ (ବଳିଦାନ) କରାଯିବାର ପ୍ରଥା ପବିତ୍ର କୋରାନ ଗ୍ରନ୍ଥରେ ଉଲ୍ଲେଖ ରହିଛି ।

---

ଭାରାରେ ଗର୍ଭବତୀ ବୁହାହେବା ଘଟଣା

# ଅବହେଳା ଉପରେ ଉଠିଲା ପ୍ରଶ୍ନ

**ଖପ୍ରାଖୋଲ,୨୮।୫ :** ୨୬ ତାରିଖରେ ଖପ୍ରାଖୋଲ ଅଞ୍ଚଳରେ ଘଟିଥିବା ଗର୍ଭବତୀ ମହିଳାଙ୍କୁ ଭାରରେ ବୁହା ହୋଇ ଡାକ୍ତରଖାନାକୁ ଆଣାଯାଇଥିବା ହୃଦୟ ବିଦାରକ ଘଟଣା ରାଜ୍ୟ ସାରା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ, ଏହି ଘଟଣାକୁ ନେଇ ଏବେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ରୋହିତ ଧରୁଆ ଓ ସୀମା ମାଝୀ ଗତ ୨୦୨୫ ମସିହାରେ ଘରୁ ପଳାଇ ବାହାର ରାଜ୍ୟକୁ ଯାଇ ପ୍ରେମ ବିବାହ କରି ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଚଳିତ ମାସର ୧୪ ତାରିଖରେ ସେମାନେ ଘରକୁ ଫେରିଥିବା ବେଳେ, ୧୫ ତାରିଖରେ ଗ୍ରାମର ଆଶା କର୍ମୀଙ୍କୁ ଦେଖା କରିଥିଲେ ଏବଂ ପ୍ରାଥମିକ ଚିକିତ୍ସା ସହାୟତା



ପାଇଥିଲେ। ତେବେ ୨୬ ତାରିଖରେ ସୀମାଙ୍କର ପ୍ରସବ ପୀଡା ଆରମ୍ଭ ହୋଇଥିଲା। ଦୁର୍ଗମ ଅଞ୍ଚଳ ଓ ରାସ୍ତା ସମସ୍ୟା ଯୋଗୁଁ ତାଙ୍କୁ ପ୍ରଥମେ ଭାରରେ ବୁହା ହୋଇ ପରେ ଆମ୍ବୁଲାନ୍ସରେ ଖପ୍ରାଖୋଲ ଡାକ୍ତରଖାନାକୁ ଆଣାଯାଇଥିଲା। ସେଠାରେ ସେ ଗୋଟିଏ ଅପରିପକ୍ୱ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ବେଳେ, ଅନ୍ୟ ଏକ ପୁତ୍ର ସନ୍ତାନକୁ ପାଟଣାଗଡ଼ ନେବା ସମୟରେ ଆମ୍ବୁଲାନ୍ସ ଭିତରେ ଜନ୍ମ ଦେଇଥିଲେ। ଦୁହିଁ ନବଜାତ ଶିଶୁର ମୃତ୍ୟୁ ହୋଇଥିଲା। ଖପ୍ରାଖୋଲ ମେଡିକାଲ ଅଫିସର ଡାକ୍ତର ସୁରଜ ଦୀପଙ୍କ କହିବାନୁଯାୟୀ, ମହିଳାଙ୍କ ଗର୍ଭଧାରଣ ସମୟ ପାଖାପାଖି ୫ ମାସ ୨୧ ଦିନ ହୋଇଥିଲା। ଅର୍ଥାତ୍ ଏହା ଏକ ଅତ୍ୟନ୍ତ ଜଟିଳ ଓ ସମ୍ବେଦନଶୀଳ ଗର୍ଭାବସ୍ଥା ଥିଲା। ପ୍ରଶ୍ନ ଉଠୁଛି, ବାହାର ରାଜ୍ୟରେ ଦାଦନ ଖଟୁଥିବା ସମୟରେ ସୀମା କୌଣସି ନିୟମିତ ମେଡିକାଲ ଚେକଅପ୍ କିମ୍ବା ପୋଷଣ ସହାୟତା ପାଉଥିଲେ କି ନାହିଁ, ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏହା ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ସାମ୍ନାକୁ ଆସିଛି। ୧୫ ତାରିଖରେ ଆଶା କର୍ମୀ ଓ ମେଡିକାଲ ଟିମ ସହ ସମ୍ପର୍କରେ ଆସିବା ପରେ ଯଦି ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିଲା, ତେବେ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବଲାଙ୍ଗୀର କିମ୍ବା ଅନ୍ୟ କୌଣସି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କାହିଁକି କରାଯାଇନଥିଲା ? ପନ୍ଦର ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମେଡିକାଲ ଟିମ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଉପରେ ନିୟମିତ ନଜର ରଖୁଥିଲେ କି ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱରୁ ମୁହଁ ଫେରାଇ କହୁଛି ଯେ ତାଙ୍କର କୌଣସି ଦୋଷ ନାହିଁ।



---

# ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଘୋଷିତ

**ଫୁଲବାଣୀ,୨୮।୫ :** କନ୍ଧମାଳ ଜିଲ୍ଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଫୁଲବାଣୀର ୨୦୨୫-୨୬ ଶିକ୍ଷା ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଶେଷ ସେମିନଷ୍ଟାର ପରୀକ୍ଷା ଫଳ ଆଜି ମହାବିଦ୍ୟାଳୟ ପରୀକ୍ଷା ବିଭାଗ ଠାରେ ପ୍ରକାଶିତ ହୋଇଯାଇଛି । ସ୍ନାତକ କଳା ବିଭାଗରେ ୮୬. ୮୮ପ୍ରତିଶତ,ବିଜ୍ଞାନ ବିଭାଗ ରେ ୮୬. ୦୯ ପ୍ରତିଶତ, ବାଣିଜ୍ୟ ବିଭାଗ ରେ ୬୭. ୬୪ ପ୍ରତିଶତ ଏବଂ ସେଲ୍ଫ ଫାଇନାସିଙ୍ଗ ବିସିଏ ବିଭାଗ ରେ ୯୬. ୩୦ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ମୋଟ ୮୫ ସତକଡାଛାତ୍ର ଛାତ୍ରୀ ସ୍ନାତକ ପାଠ୍ୟକ୍ରମ ରେ ଉତୀର୍ଣ୍ଣ ହୋଇଛନ୍ତି କ୍ଷ କଳା ବିଭାଗରେ ରାଜନୀତି ବିଜ୍ଞାନରେ ଛାତ୍ରୀ ମନୀଷା ସାହୁ ୮. ୭୬ ସିଜି ପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗ ର ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ବାଣିଜ୍ୟ ବିଭାଗରେ ଶୁଭ୍ରାଂଶୁ ଶେଖର ସାହୁ ୮. ୭୧ସିଜି ପିଏ ରଖି ଏବଂ ବିସିଏ ବିଭାଗରେ ରଞ୍ଜନା ପ୍ରଧାନ ୮.୯୬ ସିଜି ପି ଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି । ସେହିପରି ସ୍ନାତକୋତ୍ତର କଳା ବିଭାଗରେ ୯୩.୨୪ ପ୍ରତିଶତ, ବିଜ୍ଞାନ ବିଭାଗ ରେ ୯୧. ୯୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି । ସର୍ବ ମୋଟ ୯୩ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗ ରେ ନୃତତ୍ତ୍ୱ ବିଭାଗ ରେ ମଧୁସ୍ମିତା ବେହେରା ୯.୧୧ ସିଜି ପି ଏ, ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖିଥିବା ବେଳେ ବାଣିଜ୍ୟ ବିଭାଗ ରେ ଚନ୍ଦନ କୁମାର ପୃଷ୍ଟି ୯. ୦୫ ସିଜିପି ଏ ରଖି ଶ୍ରେଷ୍ଠ ସ୍ନାତକୋତ୍ତର ହୋଇଛନ୍ତି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati